# ଔଷଧୀୟ ଏବଂ ସୁଗନ୍ଧିତ ଫସଲ :
# ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସୁରକ୍ଷାର ଅନ୍ୟତମ ମାଧ୍ୟମ


ବିଷୟବସ୍ତୁ

**ଶ୍ରୀମତୀ ସୋନୀତା ରାଣୀ ସେଠୀ**

ବିଷୟବସ୍ତୁ ବିଶେଷଜ୍ଞ (କୃଷି ସଂପ୍ରସାରଣ)

ସମ୍ପାଦନ

**ଡ. ଦେବାଶିଷ ମିଶ୍ର**

ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

**KRISHI VIGYAN KENDRA, ANGUL**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**

**ODISHA UNIVERSITY OF AGRICULTURE & TECHNOLOGY**

ଉପସ୍ଥାପନା :
**ଶ୍ରୀମତୀ ସୋନିତା ରାଣୀ ସେଠୀ**
ବିଷୟବସ୍ତୁ ବିଶେଷଜ୍ଞ
କୃଷି ସଂପ୍ରସାରଣ

ସମ୍ପାଦନା :
**ଡ଼. ଦେବାଶିଷ ମିଶ୍ର**
ବରିଷ୍ଠ ବୈଜ୍ଞାନିକ ତଥା ମୂଖ୍ୟ

**ପ୍ରକାଶକ :**
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ଦ୍ୱିତୀୟ **ପ୍ରକାଶନ :**
ମାର୍ଚ୍ଚ, ୨୦୨୫

**ମୂଦ୍ରଣ :**
ବିଜୟନ୍ତୀ ଏଣ୍ଟରପ୍ରାଇଜେସ୍
କଟକ



**Mrs. Sonita Rani Sethy**
Subject Matter Specialist
Agricultural Extension

***Edited By :***
**Dr. Debasis Mishra**
Sr. Scientist & Head
Krishi Vigyan Kendra, Angul

***Published By :***
Krishi Vigyan Kendra, Angul

***Second Edition :***
March, 2025

***Printed By :***
Bijayanti Enterprises, Cuttack

# ଔଷଧୀୟ ଏବଂ ସୁଗନ୍ଧିତ ଫସଲ : ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସୁରକ୍ଷାର ଅନ୍ୟତମ ମାଧ୍ୟମ

ଔଷଧୀୟ ଏବଂ ସୁଗନ୍ଧିତ ଫସଲ ଗ୍ରାମୀଣ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ସ୍ୱାସ୍ଥ୍ୟ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହିଛି । ଏଥି ସହିତ ଗ୍ରାମୀଣ ଜୀବନଜୀବିକାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି । ପୁରାତନ କାଳରୁ ଏଥିରୁ ବିଭିନ୍ନ ପ୍ରାକୃତିକ ସାର, ଔଷଧ, ବହୁମୂଲ୍ୟ ତେଲ, ଭିଟାମିନ୍ ଇତ୍ୟାଦି ମିଳିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାନ (WHO) ଅନୁଯାୟୀ ବିକଶିତ ଦେଶ ଗୁଡ଼ିକରେ ପ୍ରାୟ ୮୦ ପ୍ରତିଶତ ଲୋକ ପ୍ରାଥମିକ ଚିକିତ୍ସା ପାଇଁ ପାରମ୍ପରିକ ଔଷଧ ଉପରେ ନିର୍ଭର କରନ୍ତି । ପାରମ୍ପରିକ ପଦ୍ଧତିରେ ମହିଳାମାନେ ଔଷଧୀୟ ଏବଂ ସୁଗନ୍ଧିତ ଋଷର ରକ୍ଷଣାବେକ୍ଷଣ କରି ଆସୁଛନ୍ତି । ନିକଟ ଅତୀତରେ ଏକ ସର୍ଭେରୁ ଜଣାପଡ଼ିଛି ଯେ ଓଡ଼ିଶାରେ ପ୍ରାୟ ୨୪ ପ୍ରତିଶତ ପୁରୁଷ ଓ ୨୧.୩ ପ୍ରତିଶତ ମହିଳା ଉକ୍ତ ରକ୍ତଚାପ ଏବଂ ୧୫.୬ ପ୍ରତିଶତ ପୁରୁଷ ଓ ୧୩.୫ ପ୍ରତିଶତ ମହିଳା ଡାଇବେଟିସ୍‌ର ଶିକାର ଅଟନ୍ତି ଯାହାକି ରାଷ୍ଟ୍ରୀୟ ହାର ଠାରୁ ମଧ୍ୟ ଅଧିକ । ଏହି ସତର୍କ ସୂଚନାକୁ ଆଖିରେ ରଖି ଔଷଧୀୟ ଏବଂ ସୁଗନ୍ଧିତ ଫସଲର କୃଷିକୁ ପ୍ରାଧାନ୍ୟ ଦେବା ନିହାତି ଆବଶ୍ୟକ । ଯାହାକି ରାଜ୍ୟରେ ରସାୟନିକ ମହଙ୍ଗା ଔଷଧର ଆବଶ୍ୟକତାକୁ ହ୍ରାସ କରିବା ସହିତ ଗ୍ରାମୀଣ ଗରିବ ପରିବାରକୁ ଖାସ୍ କରି ମହିଳାମାନଙ୍କୁ ଏକ ନୂତନ ରୋଜଗାରର ପନ୍ଥା ଯୋଗାଇଦେବ ।

**ବହୁଳ ବ୍ୟବହାର ହେଉଥିବା ଔଷଧୀୟ ଗଛ :**

| ନାମ | ବ୍ୟବହୃତ ଅଂଶ | ଔଷଧୀୟ ବ୍ୟବହାର |
|---|---|---|
| ଅଶ୍ୱଗନ୍ଧା | ପତ୍ର, ଚେର | ସ୍ନାୟୁ ଅବ୍ୟବସ୍ଥା |
| ବ୍ରାହ୍ମୀ | ପୁରା ଗଛ | ସ୍ନାୟୁ ଏବଂ ମାନସିକ ରୋଗ, ସ୍ମୃତିଶକ୍ତି ବର୍ଦ୍ଧକ |
| ଘିକୁଆଁରୀ | ପତ୍ର | କ୍ଷତ, ଚର୍ମ, ପୋଡ଼ା ଓ ରୋଗ, ଅଲ୍‌ସର୍, କୋଷ୍ଠକାଠିନ୍ୟ ଉପଶମ |
| ଗୁଡ଼ମାରି | ପତ୍ର | ଜ୍ୱର, ଅର୍ଶ, ଗାଉଟ୍, କାମଳ, ଦୁର୍ବଳତା, ମଧୁମେହ |
| ଗୁଳୁଚି, ଗିଲୋଇ | କାଣ୍ଡ | ରକ୍ତଚାପ, ନିଦ୍ରାହୀନତା |
| ସର୍ପଗନ୍ଧା | ଚେର | ଦୁର୍ବଳତା, କଫ, ସ୍ତନ୍ୟପାନ ଅସୁବିଧା |
| ସତାବରି | ଚେର | |
| ତୁଳସୀ | ପତ୍ର, ମଞ୍ଜି | କଫ, ଥଣ୍ଡା କାଶ |
| ଭୃଙ୍ଗରାଜ | ପତ୍ର, ଫୁଲ | ପାଚନ ବର୍ଦ୍ଧକ, କେଶ ବର୍ଦ୍ଧକ |
| ପୁଦିନା | ତେଲ | ହଜମକାରୀ, କଷ୍ଟନିରୋଧକ |
| ଅକରକରା | ପତ୍ର, ଫୁଲ | ଗ୍ୟାସ, ଦାନ୍ତବିନ୍ଧା, ଶ୍ୱାସରୋଗ, ସ୍କର୍ଭି (ଭିଟାମିନ୍- 'ସି'ର ଅଭାବ) |
| କାଳମେଘ/ଭୂଇଁ ନିମ୍ବ | ପୁରା ଗଛ | ଜ୍ୱର, ଦୁର୍ବଳତା, ଗ୍ୟାସ୍ ସମସ୍ୟା |
| ଷ୍ଟିଭିଆ/ମିଠା ତୁଳସୀ | ପତ୍ର | ମଧୁମେହ |
| ଲେମ୍ବୁ ଘାସ | ପତ୍ର, କାଣ୍ଡ | ଔଷଧୀୟ ଚା', ଯନ୍ତ୍ରଣା ଉପଶମ |

**ଔଷଧୀୟ ଏବଂ ସୁଗନ୍ଧିତ ଗଛର ଲାଭ :**

୧। ଏହାକୁ ଘର ପଛପଟେ ବାଡ଼ିରେ ମଧ୍ୟ ଲଗାଯାଇ ପାରିବ ।

୨। ଏଗୁଡ଼ିକ ପ୍ରତିକୂଳ ପରିବେଶରେ ବଢ଼ିପାରନ୍ତି । ତେଣୁ ବିଶେଷ ଯତ୍ନ ନେବାକୁ ପଡ଼େ ନାହିଁ।

୩। ଏହି ଗଛ ଗୁଡ଼ିକ ଅଳ୍ପ ଆୟୁ ବିଶିଷ୍ଟ ହୋଇଥିବାରୁ ପ୍ରାୟ ୩-୪ ମାସରୁ ଅମଳ ଆରମ୍ଭ ହୋଇଯାଏ ।

୪। ଏହାକୁ ମହିଳାମାନେ ମଧ୍ୟ ଅତି ସହଜରେ କମ୍ ଖର୍ଚ୍ଚରେ ଚାରା କରିପାରିବେ ଓ ରୋଜଗାର କରିପାରିବେ ।

***

# ବିଭିନ୍ନ ଗଛର ଉତ୍ପାଦନ ପଦ୍ଧତି

## ବ୍ରାହ୍ମୀ (Brahmi)

**ଉନ୍ନତ କିସମ :** ସୁବୋଧକ, ପ୍ରଜ୍ଞାଶକ୍ତି,

**ମର୍ତ୍ତିକା ଓ ଜଳବାୟୁ :** ଜଳ ନିଷ୍କାସନର ସୁବିଧା ନଥିବା ଜାଗାରେ ଓ ସନ୍ତସନ୍ତିଆ ଜାଗାରେ ଏହା ଲାଗିପାରିବ । ଏହା ଏକ ଖରା-ବର୍ଷା ଦିନିଆ ଗଛ ଯାହାକି ୩୩°-୪୦° ସେଲ୍‌ସିୟସ୍ ତାପମାତ୍ରା ଏବଂ ୬୫-୮୦% ଆଦ୍ରତା ଆବଶ୍ୟକ କରେ ।

**ଜମି ପ୍ରସ୍ତୁତି :** ଜମିକୁ ଭଲ ଭାବରେ ହଳକରି ଘାସ ସଫା କରି ରୋଇବାର ପୂର୍ବଦିନ ଭଲଭାବେ ପାଣି ମଡ଼ାନ୍ତୁ ଯଦ୍ଦ୍ୱାରା କି ଭଲ ଗଜା ହେବ ।

**ଚରା ରୋପଣ :** ମାର୍ଚ୍ଚ-ଜୁନ୍ ମାସରେ ପୁରୁଣା ଫସଲର ଚେର ସହ ମିଳୁଥିବା ଡାଳ (ସ୍ଲିପ୍ସ) (୪-୫ ସେ.ମି.) ଠୁ ୪୦ × ୪୦ ସେ.ମି. ଦୂରତାରେ ଓଦା ମାଟିରେ ଲଗାଇ ତୁରନ୍ତ ପାଣି ମଡ଼ାନ୍ତୁ ।

**ଜଳସେଚନ :** ପ୍ରତି ୭-୮ ଦିନରେ ଥରେ ଆବଶ୍ୟକ ଅନୁସାରେ ପାଣିଦିଅନ୍ତୁ ।

**ଘାସବଛା :** ପ୍ରଥମତଃ ପ୍ରତି ୧୦ ଦିନରେ ଥରେ ଘାସ ବାଛନ୍ତୁ ।

**ଅମଳ :** ଅକ୍ଟୋବର-ନଭେମ୍ବର ମଧ୍ୟରେ ଅମଳ କରିବା ଆବଶ୍ୟକ । ମାଟିରୁ ୪-୫ ସେ.ମି. ଛାଡ଼ି ଅମଳ କରନ୍ତୁ ଯେଉଁଥିରୁକି ପୁଣିଥରେ ଗଛ ବଢ଼ି ଅମଳ ହେବ ।

**ଅମଳପରବର୍ତ୍ତୀ ଯତ୍ନ :** ଏହାକୁ ଛାଇତଳେ ସାଧାରଣ କୋଠରୀ ତାପମାତ୍ରାରେ ଶୁଖାନ୍ତୁ । ନଚେତ୍ ଓଭେନ୍‌ରେ ୮୦°C ତାପମାତ୍ରାରେ ଅଧଘଣ୍ଟା ପାଇଁ ଶୁଖାନ୍ତୁ ଓ ପୁଣି ଥରେ ୮-୧୦ ଦିନ ପାଇଁ ଛାଇରେ ଦରି ଉପରେ ଶୁଖାନ୍ତୁ । ଭଲ ଭାବରେ ଶୁଖିଗଲେ ପଲିଥିନ୍ ବ୍ୟାଗ୍‌ରେ ରଖନ୍ତୁ ।

**ଆୟବ୍ୟୟ :** **ଅମଳ :** କଞ୍ଚା ଘାସ - ୩୦୦ କ୍ୱିଣ୍ଟାଲ / ହେକ୍ଟର

**ଶୁଖିଲା ଘାସ :** ୧୦୦ କ୍ୱିଣ୍ଟାଲ / ହେକ୍ଟର

**ଖର୍ଚ୍ଚ ପ୍ରତି ହେକ୍ଟର :** ୮୦,୦୦୦/-

ପୁରା ଆୟ = ୫୦/- ପ୍ରତି କେଜି ଶୁଖିଲା ଘାସ = ୫,୦୦,୦୦୦/-

ଲାଭ ପରିମାଣ = ୪,୨୦,୦୦୦/-

***

# ତୁଳସୀ (Tulsi)

ମୁଖ୍ୟତଃ ଦୁଇ ପ୍ରକାର ତୁଳସୀ ଯଥା ଶ୍ରୀ ତୁଳସୀ (ଧଳା) ଏବଂ କ୍ରିଷ୍ଣା ତୁଳସୀ (କଳା) ମିଳେ ।

**ମୃତ୍ତିକା :** ଏହା ବିଭିନ୍ନ ପ୍ରକାର ମୃତ୍ତିକାରେ ବଢ଼ିପାରେ । ଜଳ ନିଷ୍କାସନର ବ୍ୟବସ୍ଥା ନିହାତି ଆବଶ୍ୟକ ।

**ଜଳବାୟୁ :** ଗରମ ଏବଂ ଜଳୀୟବାଷ୍ପ ପୂର୍ଣ୍ଣ ଜଳବାୟୁ ଉପଯୁକ୍ତ (ବର୍ଷା ଋତୁ) । ବଡ଼ଦିନ ଏବଂ ଅଧିକ ତାପମାତ୍ରାରେ ଅଧିକ ତେଲ ଅମଳ ହୋଇଥାଏ ।

**ଚାରା ରୋପଣ :** ହେକ୍ଟର ପ୍ରତି ୨୦୦-୩୦୦ ଗ୍ରାମ୍ ମଞ୍ଜି ନର୍ସରୀ ପ୍ରସ୍ତୁତି ପାଇଁ ଆବଶ୍ୟକ । ୨୦-୩୦ ଦିନ ନର୍ସରୀ ଚାରା (୪-୫ ପତ୍ର ବିଶିଷ୍ଟ) ଲଗାଇବା ପାଇଁ ଉପଯୁକ୍ତ ।

**ଜମି ପ୍ରସ୍ତୁତି :** ଭଲ ଭାବରେ ଗୁଣ୍ଡ ଚାଷ କରି ୧୫ ଟନ୍ ଖତ ମାଟିରେ ମିଶାନ୍ତୁ । ହେକ୍ଟର ପ୍ରତି – ୪୦ କି.ଗ୍ରା. ଫସ୍‌ଫରସ୍ ଏବଂ ପଟାସ୍ ଶେଷ ହଳ ସମୟରେ ମିଶାନ୍ତୁ । ୮୦ କି.ଗ୍ରା. ଯବକ୍ଷାରଜାନକୁ ତିନିଭାଗ କରି ସମାନ ଭାଗରେ ଦିଅନ୍ତୁ (ମୂଳ ସାର, ପ୍ରଥମ କଟା, ଦ୍ୱିତୀୟ କଟା) ।

**ଚାରା ରୋପଣ :** ମେ' ମାସରେ ମଝି ଭାଗରେ ଚାରା ପ୍ରସ୍ତୁତି କରି ଜୁଲାଇ ମଧ୍ୟ ଭାଗରେ ଚାରା ରୋପଣ କରନ୍ତୁ । ୪-୫ ପତ୍ର ବିଶିଷ୍ଟ ଚାରା ପ୍ରତି ୩୦-୪୫ ସେ.ମି. ଦୂରତାରେ ଚାରା ଲଗାନ୍ତୁ ।

**ଜଳସେଚନ :** ଖରାଦିନେ ସପ୍ତାହରେ ଦୁଇଥର ଏବଂ ଶୀତଦିନେ ସପ୍ତାହକୁ ଥରେ ପାଣି ଦିଅନ୍ତୁ । ଅମଳ ପୂର୍ବରୁ ପାଣି ଦିଅନ୍ତୁ ନାହିଁ ।

**ଘାସବଛା :** ଲଗାଇବାର ମାସେ ପରେ ଏବଂ ପ୍ରଥମ ବଛା ଏବଂ ପୁଣି ୪ ସପ୍ତାହ ପରେ ଆଉଥରେ ବାଛନ୍ତୁ । ଲଗାଇବାର ଦୁଇମାସ ପରେ ଥରେ କୋଡ଼ା ଖୋସାକରି ହୁଡ଼ା ଟେକି ଦିଅନ୍ତୁ ।

**ଅମଳ :** ଲଗାଇବାର ପ୍ରାୟ ୯୦-୯୫ ଦିନପରେ ଯାହାକି ପୁରା ଫୁଲ ଫୁଟିଯିବା ସମୟରେ ପ୍ରଥମ ଅମଳ କରନ୍ତୁ । ଏହାପରେ ପ୍ରତି ୬୫-୭୫ ଦିନ ଅନ୍ତରାଳରେ କାଟନ୍ତୁ । ପାଗ ବର୍ଷା କିମ୍ବା ମେଘୁଆ ଥିଲେ ଜମାବି କାଟନ୍ତୁ ନାହିଁ । ମାଟିରୁ ୧୫-୨୦ ସେ.ମି. ଛାଡ଼ି ଅମଳ କରନ୍ତୁ । **ଅମଳ :** ସବୁଜପତ୍ର -୫ ଟନ୍/ ହେକ୍ଟର କିସମ ଅନୁଯାୟୀ ପ୍ରାୟ ୧୦-୨୩ କେଜି/ହେକ୍ଟର ପ୍ରତି ତେଲ ମିଳେ ।

**ଅମଳ ପରବର୍ତ୍ତୀ ଯତ୍ନ :** ଅମଳ ହୋଇଯିବା ସବୁଜ ପତ୍ରକୁ ସେମିତି ଜମିରେ ୪-୫ ଘ[। ପର୍ଯ୍ୟନ୍ତ ଶୁଖିବାକୁ ଛାଡ଼ିଦିଅନ୍ତୁ । ତେଲ ଅମଳ ପାଇଁ ବାଷ୍ପଚାଳିତ ପାତନ ପଦ୍ଧତିର ବ୍ୟବହାର କରନ୍ତୁ । ଏହାପରେ ତେଲକୁ ଭଲଭାବରେ ଛାଣି ସାଧାରଣ ଲୁଣ ୨୦ ଗ୍ରାମ୍ / ଲିଟର୍ ତେଲ ହିସାବରେ ମିଶାନ୍ତୁ ଏବଂ କାଚ ପାତ୍ରରେ ରଖନ୍ତୁ ।

| | | | |
|---|---|---|---|
| ଆୟବ୍ୟୟ (ହେକ୍ଟର ପ୍ରତି) : | ବ୍ୟୟ | : | ୭୦,୦୦୦/- |
| | ଆୟ | : | ୩,୦୦,୦୦୦/- |
| | ଲାଭ | : | ୨,୩୦,୦୦୦/- |

***

# ଗୁଡ଼ମାରୀ (Gudmar)

**ମର୍ତ୍ତିକା ଏବଂ ଜଳବାୟୁ :** ନାଲି ବାଲିଆ ଦୋରସା ଏବଂ ମଧ୍ୟମ କଳା ମାଟି ଏହି ଫସଲ ପାଇଁ ପ୍ରଯୁଜ୍ୟ । ସନ୍ତସନ୍ତିଆ ଜାଗାରେ ଏହାକୁ ଲଗାନ୍ତୁ ନାହିଁ ।

**ପ୍ରକାର ଭେଦ :** ଛୋଟ ପତ୍ର ବିଶିଷ୍ଟ ( ୧-୩.୫ ସେ.ମି. ଲମ୍ବ)

ବଡ଼ ପତ୍ର ବିଶିଷ୍ଟ (୩-୬ ସେ.ମି. ଲମ୍ବ)

**ଚାରା ଉତ୍ପାଦନ :** ଅକ୍ଟୋବର-ଡିସେମ୍ବରରେ ମଞ୍ଜି ସଂଗ୍ରହ କରି ପଲି ବ୍ୟାଗ୍‌ରେ ଲଗାନ୍ତୁ ଏବଂ ଫେବୃଆରୀ-ମାର୍ଚ୍ଚ ମାସରେ ଲଗାଇ ଲତାକୁ ଭଲଭାବେ ସପୋର୍ଟ ଦିଅନ୍ତୁ ।

**ଚାରା ରୋପଣ :** ଲଗାଇବାର ୧୫ ଦିନ ପୂର୍ବରୁ ୪୫ ସେ.ମି.ର ଗାତ (୧.୫ ଫୁଟ) କରି ସେଥିରେ ଖତ ସାର ଏବଂ ପାଣି ଦେବାପରେ ଗଛ ଲଗାନ୍ତୁ । ଗାତ ଗୁଡ଼ିକ ୨.୫ ମି. × ୧.୭୫ ମି. ଦୂରତାରେ କରନ୍ତୁ । ତୁରନ୍ତ ପାଣି ଦିଅନ୍ତୁ । ଏହାପରେ ୫-୬ ଦିନରେ ଥରେ ପାଣି ଦିଅନ୍ତୁ ।

**ଅମଳ ଓ ଯତ୍ନ :** ପ୍ରାୟ ୨ ବର୍ଷ ପରେ ଏହାର ଅମଳ ଆରମ୍ଭ ହୁଏ । ପ୍ରଥମେ ଜୁନ୍ ମାସରେ ଫୁଲ ଆସିବା ସମୟରେ ଏବଂ ଦ୍ୱିତୀୟ ଥର ସେପ୍ଟେମ୍ବର-ଅକ୍ଟୋବର ମାସରେ । ଅମଳ ହୋଇଯିବା ପତ୍ରକୁ ଛାଇରେ ୭-୮ ଦିନ ପର୍ଯ୍ୟନ୍ତ ଶୁଖାନ୍ତୁ । ଭଲ ଯତ୍ନ କଲେ ୧୦-୧୫ ବର୍ଷ ଯାଏ ଅମଳ ମିଳିପାରିବ ।

**ଆୟବ୍ୟୟ (ହେକ୍ଟର ପ୍ରତି) :**

| | | |
|---|---|---|
| ଅମଳ | : | ୧୦,୦୦୦ - ୧୫,୦୦୦ କେ.ଜି. / ହେକ୍ଟର |
| ଖର୍ଚ୍ଚ | : | ୫୦,୦୦୦/- / ହେକ୍ଟର |
| ଆୟ | : | ୨,୫୦,୦୦୦/- |
| ଲାଭ | : | ୨,୦୦,୦୦୦/- |

***

# ଲେମ୍ବୁ ଘାସ (LEMON GRASS)

**ମୃତ୍ତିକା ଏବଂ ଜଳବାୟୁ :** ଗରମ ଏବଂ ବେଶୀ ଆର୍ଦ୍ରତା ହୀନ ଜଳବାୟୁ ଏହା ପାଇଁ ଉପଯୋଗୀ । ମାଟିର ଅମ୍ଳ ଅଂଶ ୪.୫-୭.୫ରେ ଏହା ଭଲ ହୋଇପାରିବ । ବାର୍ଷିକ ବର୍ଷା ହେଉଥିବା ଜାଗା ଏହା ପାଇଁ ଉପରୋଗୀ । ସୋପାନ କିମ୍ବା ଢାଲୁ ଜମି ଏବଂ ପାଣି ମଡ଼ାଇବା ସୁବିଧା ନ ଥିବା ଜମିରେ ଏହା ଲାଭଦାୟକ ହୋଇଥାଏ ।

**ଚାରା ଲଗାଇବା ପାଇଁ ଜମି ପ୍ରସ୍ତୁତ ପ୍ରଣାଳୀ :** ଆଷାଢ଼-ଶ୍ରାବଣ ତଥା ମୌସୁମି ଆସିବା ସମୟରେ ଏବଂ ଜଳସେଚିତ ଫଗୁଣ-ଚୈତ୍ର ମାସରେ ଫସଲ ଲଗାଯାଇଥାଏ । ସାମାନ୍ୟ ଜଳସେଚିତ ଜମିରେ ଲାଇନ୍ ମଧ୍ୟରେ ଦୂରତା ୬୦ ସେ.ମି. ଏବଂ ଗଛରୁ ଗଛ ଦୂରତା ୩୦ ସେ.ମି. ରଖିବା ଉଚିତ । ଗଛ ଲଗାଇବା ପୂର୍ବରୁ ଜମିକୁ ୨-୩ ଥର ହଳକରି ମାଟିକୁ ହାଲକା କରିବାକୁ ପଡ଼େ । ଖରାପ ମାଟିରେ ଗଛରୁ ଗଛ ଦୂରତା କମ କରିଦେବା ଉଚିତ୍ ।

**ଖତ ଏବଂ ସାର :** ଜମିକୁ ଭଲଭାବେ ହଳ କରିଦେବା ଉଚିତ୍ । ଏହାପରେ ୧୫୦:୬:୬୦ କି.ଗ୍ରା. ନାଇଟ୍ରୋଜେନ୍ (ଯବକ୍ଷାରଜାନ), ଫସ୍‌ଫରସ୍, ପୋଟାସ୍ ପ୍ରତି ହେକ୍ଟର / ବର୍ଷ ଦିଆଯିବା ଉଚିତ୍ । ଯବକ୍ଷାରଜାନକୁ ୩-୪ ଥର ମାଟିରେ ମିଶାଇଦେବା ଉଚିତ୍ । ପାଣି ସୁବିଧା ନଥିବା ଅବସ୍ଥାରେ ଏହି ପରିମାଣକୁ ଆଧା କରିଦେବା ଉଚିତ୍ ।

**ପାଣି :** ସାଧାରଣତଃ ଏହା କମ୍ ପାଣି ଦରକାର କରିଥାଏ । ଶୀତ ସମୟରେ ଏହା ୨-୩ ଥର ଏବଂ ଖରାଦିନେ ୪-୫ ଥର ପାଣି ମଡ଼ାଇବା ପର୍ଯ୍ୟାପ୍ତ ହୋଇଥାଏ । ପ୍ରତିଥର ଫସଲ କାଟିବା ପରେ ପାଣି ମଡ଼ାଇବା ଅତ୍ରନ୍ତ ଆବଶ୍ୟକ ହୁଏ ।

**ଫସଲ ଅମଳ :** ଲେମ୍ବୁଘାସକୁ କାଟିବା ସମୟରେ ପ୍ରତ୍ୟେକ ଶାଖା ଗଛରେ ୪-୫ ପୁରା ଖୋଲା ହୋଇଥିବା ପତ୍ର ହୋଇଥିବା ଦରକାର । ଫସଲକୁ ମାଟିରୁ ଅଳ୍ପ ଦୂରତାରେ କଟାଯାଏ । ବର୍ଷକୁ ୨୫-୩୦ ଟନ୍ ପ୍ରତି ହେକ୍ଟର ଘାସ ମିଳିଥାଏ ।

**ବ୍ୟବହାର :** ଲେମ୍ବୁଘାସର କ୍ରିଷ୍ଣା ପ୍ରଜାତିକୁ ୫ ବର୍ଷ ଫସଲ ହିସାବରେ ଜଳସେଚିତ ଅବସ୍ଥାରେ ୨୦୦-୨୫୦ କି.ଗ୍ରା. ତେଲ ପ୍ରତିବର୍ଷ / ହେକ୍ଟର ପିଛା ମିଳିଥାଏ । ଏବଂ ପାଣିର ସୁବିଧା ନ ଥିବା ଅବସ୍ଥାରେ ୨ ଥର କାଟିବାରେ ୧୦୦-୧୨୫ କି.ଗ୍ରା. ତେଲ ପ୍ରତିବର୍ଷ ମିଳିଥାଏ ।

| **ଆୟବ୍ୟୟ (୫ ବର୍ଷ) :** | **ଜଳସେଚିତ** | **ଅଣ ଜଳସେଚିତ** |
|---|---|---|
| ବ୍ୟୟ ପ୍ରତି ହେକ୍ଟର : | ଟ. ୪୦,୦୦୦/- | ଟ. ୨୫,୦୦୦/- |
| ପୁରା ଆୟ / ହେକ୍ଟର : | ଟ. ୧,୬୦,୦୦୦/- | ଟ. ୮୦,୦୦୦/- |
| ଲାଭ ପରିମାଣ : | ଟ. ୧,୨୦,୦୦୦/- | ଟ. ୫୫,୦୦୦/- |

***

# ରୋଜାଘାସ (ପାମାରୋଜା)

**ଉନ୍ନତ କିସମ :** ପି.ଆର୍.ସି.-୧ , ତ୍ରିପ୍ତା, ତ୍ରିସ୍ନା, ବୈଷ୍ଣବୀ, ସିମେପ-ହର୍ଷ ।

**ଉପଯୋଗ :** ପାମାରୋଜାର ତେଲ ଗୋଲାପ ତେଲପରି ବାସ୍ନାଦିଏ । ତେଣୁ ଏହାର ବ୍ୟବହାର ମୂଲ୍ୟବାନ ପ୍ରସାଧନ ପ୍ରସ୍ତୁତିରେ ବ୍ୟବହାର କରାଯାଏ ।

**ଫସଲର ପରିଚୟ :** ପାମାରୋଜା ଗଛର ଉଚ୍ଚତା ୧୦୦-୧୫୦ ସେ.ମି. ପର୍ଯ୍ୟନ୍ତ ହୁଏ ଏବଂ ଏଥିରେ ଇଷତ ହଳଦିଆ ରଙ୍ଗର ଫୁଲ ଆସେ । ତେଲ ଉଭୟ ପତ୍ର ଏବଂ ଫୁଲରୁ ମିଳିଥାଏ । ଏହା ଏକ ବହୁ ବର୍ଷିୟ ଘାସ ଏବଂ ଜଳସେଚିତ ଜମିରେ ଏହାକୁ ବର୍ଷରେ ୩-୪ ଥର କଟାଯାଇପାରେ । ଅଣ ଜଳସେଚିତ ଜମିରୁ ଏହାକୁ ବର୍ଷରେ ୨ ଥର କଟାଯାଇପାରେ ।

**ଜଳବାୟୁ :** ଗରମ ଏବଂ ଶୁଷ୍କ ଜଳବାୟୁ ଏ ଫସଲ ପାଇଁ ଅତ୍ୟନ୍ତ ଉପଯୋଗୀ । ଉତ୍ତର ଭାରତର ଉପୋଷ୍ଣ ଜଳବାୟୁ ଅଂଚଳରେ ଏହି ଫସଲ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ ।

**ଭୂମି/ଜମି :** ଜଳ ନିଷ୍କାସନର ସୁବିଧା ଥିବା ଜମି ଏବଂ ସାମାନ୍ୟରୁ ୯.୫ ପିଏଚ୍ (pH) ମାଟି ଏ ଫସଲ ପାଇଁ ଉପଯୋଗୀ । ପାଣି ଜମୁଥିବା ଜମି ଏ ଫସଲ ପାଇଁ ଅନୁପୋଯୋଗୀ ଅଟେ । ଅଣ ଜଳସେଚିତ ଏବଂ ଅନୁର୍ବର ଜମିରେ ଏ ଫସଲ ମଧ୍ୟ ଚାଷ କରାଯାଇପାରିବ ।

**ଚାରା ଲଗାଇବା ପାଇଁ ଜମି ପ୍ରସ୍ତୁତ ପ୍ରଣାଳୀ :** ୨/୩ ଥର ହଳକରି ଜମିକୁ ହାଲକା କରିଦେବା ଉଚିତ୍ । ଏହାପରେ ଛୋଟ ଛୋଟ ଚାରାକୁ ୬୦ × ୩୦ ସେ.ମି. ବ୍ୟବଧାନରେ ୩୦ ଦିନର ନର୍ସରୀ ଚାରାକୁ ରୋପଣ କରାଯାଏ । ନର୍ସରୀ ପାଇଁ ୫୦ ବର୍ଗ ମିଟର ଜମିରେ ମଞ୍ଜିକୁ ୨୫-୩୦ ଦିନ ପୂର୍ବରୁ ବୁଣାଯାଏ । ଅଣ ଜଳସେଚିତ ଅବସ୍ଥାରେ ୩୦ × ୩୦ ସେ.ମି. ଦୂରତାରେ ଲଗାଇବାକୁ ପଡ଼େ ।

**ଚାରା :** ଏହି ଫସଲ ପାଇଁ ମଞ୍ଜିରୁ ଚାରା କରାଯାଏ । ଏଥିପାଇଁ ହେକ୍ଟର ପିଛା ୫-୬ କି.ଗ୍ରା. ଆବଶ୍ୟକ ହୁଏ । ଯଦି ଛାଟିକରି ବୁଣାଯାଏ, ତେବେ ୧୦-୧୨ କି.ଗ୍ରା. ମଞ୍ଜିର ଆବଶ୍ୟକତା ହୁଏ । ୨୦-୩୦ ଦିନ ମଧ୍ୟରେ ଚାରାକୁ ରୋପଣ କରାଯାଏ ।

**ଖତ ଏବଂ ସାର :** ଜଳସେଚିତ ଜମିପାଇଁ ୧୫୦:୫୦:୫୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍, ପୋଟାସର ଆବଶ୍ୟକତା ପ୍ରତି ହେକ୍ଟର / ବର୍ଷରେ ହୁଏ । ଯବକ୍ଷାରଜାନ ପ୍ରତ୍ୟେକ କାଟିବାପରେ ୩-୪ ଥର ଦେବାର ଆବଶ୍ୟକତା ହୁଏ । ଫସ୍‌ଫରସ୍ ଏବଂ ପୋଟାସ୍‌କୁ ବର୍ଷରେ ଏକବା ଖୋଡ଼ା ଖୋସା ସମୟରେ ମାଟିରେ ମିଶଇ ଦେବା ଦରକାର । ଏହି ସାରକୁ ପ୍ରଥମ ବର୍ଷ ଶେଷ ହଳ ସମୟରେ ମାଟିରେ ମିଶାଇଦେବା ଦରକାର । ଅଣଜଳସେଚିତ ଜମିରେ ଉପରୋକ୍ତ ପରିମାଣର ଅଧା ସାର ବର୍ଷା ଋତୁରେ ପ୍ରୟୋଗ କରିବା ଉଚିତ୍ ।

**ପାଣି :** ଗଛ ଲଗାଇବାର ପରେ ପରେ ପ୍ରଥମଥର ଜଳସେଚନର ଆବଶ୍ୟକତା ହୁଏ । ଯଦି ଆବଶ୍ୟକ ଅନୁସାରେ ବର୍ଷା ହୁଏ, ତେବେ ପାଣି ମଡ଼ାଇବା ଦରକାର ହୁଏ ନାହିଁ । ପାମାରୋଜା ଏକ କମ୍‌ପାଣି ଦରକାର କରୁଥିବା ଫସଲ । ତେଣୁ ଶରତ ଋତୁରେ ୨ଥର ଏବଂ ଗ୍ରୀଷ୍ମ ଋତୁରେ ୩-୪ ଥର ପାଣି ମଡ଼ାଇବା ଦରକାର ହୁଏ । ସ୍ୱଳ୍ପ ବୃଷ୍ଟି ପରିସ୍ଥିତିରେ ପ୍ରତି ଫସଲ କାଟିବାପରେ ପାଣି ମଡ଼ାଇବା ଦରକାର ।

**ଫସଲ ଅମଳ :** ପାମାରୋଜା ଫସଲ ୫୦ ପ୍ରତିଶତ ଫୁଲ ଆସିବାପରେ କଟାଯାଏ । ପ୍ରତି ୩ ମାସ ବ୍ୟବଧାନରେ ଘାସକୁ ୨୫-୩୦ ସେ.ମି. ଉଚ୍ଚତାରେ କାଟିବା ଦରକାର । ପାଚନ ପ୍ରଣାଳୀ ଦ୍ୱାରା ଏଥିରୁ ତେଲ ବାହାର କରାଯାଏ ।

**ଅମଳ ପରିମାଣ :** ବର୍ଷକୁ ୪୦ ଟନ୍ ପ୍ରତି ହେକ୍ଟରରେ ଘାସ ମିଳିଥାଏ । ତେଲର ପରିମାଣ ୨୦୦-୨୫୦ କି.ଗ୍ରା. ପ୍ରତି ହେକ୍ଟର ପ୍ରତି ବର୍ଷରେ ମିଳିଥାଏ ।

**ତେଲ ରଖିବାର ଉପାୟ :** ପାମାରୋଜା ତେଲକୁ ତୁରନ୍ତ ସାମାନ୍ୟ ତାପମାତ୍ରାରେ ଆଲୁମିନିୟମ ବୋତଲରେ ରଖାଯାଏ ।

| ଆୟବ୍ୟୟ (୫ ବର୍ଷ) : | **ଜଳସେଚିତ** | **ଅଣ ଜଳସେଚିତ** |
|---|---|---|
| ବ୍ୟୟ ପ୍ରତି ହେକ୍ଟର : | ଟ. ୪୫,୦୦୦/- | ଟ. ୩୦,୦୦୦/- |
| ପୁରା ଆୟ / ହେକ୍ଟର : | ଟ. ୧,୮୦,୦୦୦/- | ଟ. ୧,୦୦,୦୦୦/- |
| ଲାଭ ପରିମାଣ : | ଟ. ୧,୩୫,୦୦୦/- | ଟ. ୭୦,୦୦୦/- |

## ଜାଭା ସଟ୍ରୋନେଲା

**ଉନ୍ନତ କିସମ :** ସିମ-ଜିବା, ବାୟୋ-୧୩, ମଞ୍ଜୁଷା, ମନ୍ଦାକିନୀ, ଜଲ୍ପଲ୍ଲବି, ମଞ୍ଜରି ।

**ବ୍ୟବହାର :** ଏହାର ତେଲ ସୁଗନ୍ଧ ପ୍ରସାଧନ ପ୍ରସ୍ତୁତି ସାବୁନ, ମଶା ମାରିବା ବା ଘଉଡ଼ାଇବା ଆଦିରେ ବ୍ୟବହାର କରାଯାଏ ।

**ଜଳବାୟୁ :** ପାହାଡ଼ିଆ ବା ଢାଲୁ ଥିବା ଜମି, ଯେପରିକି ଉତ୍ତର ପୂର୍ବ ଅଞ୍ଚଳ, ନଦୀପଠା ଅଞ୍ଚଳ ସବୁଠାରୁ ବେଶୀ ଉପଯୋଗୀ ।

**ଭୂମି/ଜମି :** ପାଣି ଜମୁ ନଥିବା ଜମି ଉର୍ବର ମାଟି ସହିତ ଜମିର ପିଏଚ୍ (pH) ୫-୭ ମଧ୍ୟରେ ଥିଲେ, ଏହି ଫସଲ ପାଇଁ ସବୁଠାରୁ ଉପଯୋଗୀ ଅଟେ ।

**ଚାରା :** ଚେର ସହିତ ଛୋଟ ଗଛ (ସ୍ଲିପ୍ସ) ରୋପଣ ମାଧ୍ୟମରେ ଚାଷ କରାଯାଏ ।

**ଚାରା ଲଗାଇବା ପାଇଁ ଜମି ପ୍ରସ୍ତୁତ ପ୍ରଣାଳୀ :** ସ୍ଲିପ୍ସକୁ ମାଘ-ଫାଲ୍‌ଗୁନ (Feb-Mar) କିମ୍ବା ଶ୍ରାବଣ-ଭାଦ୍ରବ (Jul-Aug) ମାସରେ ୫୦×୪୦ ସେ.ମି. କିମ୍ବା ୬୦×୩୦ ଟନ୍ ଗୋବର ଖତ କିମ୍ବା ୧୦-୧୫ ଟନ୍ ଭର୍ମି କମ୍ପୋଷ୍ଟକୁ ଶେଷ ହଳ ସମୟରେ ମାଟିରେ ମିଶାଇ ଦେବା ଉଚିତ୍ । ୧୫୦:୬୦:୬୦ କି.ଗ୍ରା. ନାଇଟ୍ରୋଜେନ, ଫସ୍‌ଫସରସ୍ ଏବଂ ପୋଟାସ୍ ପ୍ରତି ହେକ୍ଟର / ବର୍ଷ ଦିଆଯିବା ଉଚିତ୍ । ନାଇଟ୍ରୋଜେନ୍‌କୁ ୪ଥର ସମାନ ପରିମାଣରେ ଦିଆଯିବା ଉଚିତ୍ । ଫସ୍‌ଫରସ୍ ଏବଂ ପୋଟାସ୍‌କୁ ଲଗାଇବା ପୂର୍ବରୁ ତଥା ଶେଷ ହଳ ସମୟରେ ମାଟିରେ ମିଶାଇ ଦିଆଯାଏ ।

**ପାଣି :** ପ୍ରଥମଥର ଚାରା ଲଗାଇବା ପରେ ପରେ ତୁରନ୍ତ ପାଣି ମଡ଼ାଇବା ଦରକାର । ପରେ ଆବଶ୍ୟକ ଅନୁସାରେ ପାଣି ଦେବା ଦରକାର । ଅଧିକ ଏବଂ କମ୍ ପାଣି ଫସଲ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ତେଣୁ ଯଦି ଆବଶ୍ୟକ ଅନୁସାରେ ବର୍ଷା ହୁଏ, ତେବେ ପାଣି ମଡ଼ାଇବା ଦରକାର ହୁଏନାହିଁ ।

**ଫସଲ ଅମଳ :** ଫସଲ ଅମଳ ଋରା ରୋପଣର ୪-୫ ମାସ ପରେ ପ୍ରଥମ ଥର ଏବଂ ପରେ ପ୍ରତି ୩ ମାସ ବ୍ୟବଧାନରେ ଫସଲ କାଟିଦେବା ଉଚିତ୍ । ଗଛର ୧୫-୨୦ ସେ.ମି. ଉପରୁ ଫସଲ କାଟିବା ଉଚିତ୍ । ବର୍ଷକୁ ୩୦ ଟନ୍ ପ୍ରତି ହେକ୍ଟରରୁ ଘାସ ମିଳିଥାଏ ।

**ଆୟବ୍ୟୟ (୫ ବର୍ଷ) :** ତେଲ ପରିମାଣ - ୩୦୦-୩୫୦ କି.ଗ୍ରା. / ହେକ୍ଟର / ବର୍ଷ

**ବ୍ୟୟ/ହେକ୍ଟର/ବର୍ଷ :** ଟ. ୪୦,୦୦୦/- ରୁ ଟ. ୪୫,୦୦୦/-

**ପୁରା ଆୟ ପ୍ରତି ହେକ୍ଟର :** ଟ. ୧,୮୦,୦୦୦/- ରୁ ଟ. ୨,୦୦,୦୦୦/- ବର୍ଷ

**ଲାଭ ପରିମାଣ ପ୍ରତି ହେକ୍ଟର :** ଟ. ୧,୪୦,୦୦୦/-ରୁ ଟ. ୧,୬୦,୦୦୦/- ବର୍ଷ

# ମିଣ୍ଟ (ଜାପାନୀ ପୁଦିନା)

**ଉପଯୋଗ :** ମେଁଥାଲ ମିଣ୍ଟ : ମେଁଥାଲ କ୍ରିଷ୍ଟଲ - ପାନ ମସଲା, ପେନ୍ ବାମ୍ ବା କଷ୍ଟ ଦୂର କରିବା ।

**ପିପର ମେଣ୍ଟ :** କଫ୍ ସିରପ୍, ଟୁଥ୍ ପେଷ୍ଟ, ଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ଔଷଧ ।

**ସ୍ପିୟରମେଣ୍ଟ :** କେକ୍, ମସଲା

**ବର୍ଗାମେଣ୍ଟ ମିଣ୍ଟ :** ପ୍ରସାଧନ ସାମଗ୍ରୀ, ଔଷଧ

**ଉପାଦାନ :** ପିପରମିଣ୍ଟ: ପିପରିଟୋନ (Piperitone), ମେଁଥୋଲ (Menthol), ମେଁଥୋନ (Menthone), ମେଁଥୋଫିଉରାନ୍ (Methofuran), ସ୍ପିୟର ମିଣ୍ଟ : କାରଭୋନ (Carvone), ବର୍ଗାମେଣ୍ଟ ମିଣ୍ଟ : ଲିନାଲାଇଲ୍ ଏସିଟେଟ୍ (Linalyl acetate)

**ଉନ୍ନତ କିସମ :** ମେଁଥାଲ ମିଣ୍ଟ : ସିମ କ୍ରାନ୍ତି, ସିମ ସରୟୁ, କୋସି

**ପିପରମିଣ୍ଟ :** ସିମାପ ପାତ୍ରା, ସିମ-ଇଣ୍ଡସ, ସିମ-ମଧୁରସ, କୁକରେଲ, ପ୍ରାଞ୍ଜଲ

**ସ୍ପିୟରମିଣ୍ଟ :** ଏମ୍‌ଏସ୍‌ଏସ୍ ୫, ଅର୍କା, ନୀରା, ନୀର କାଲକା

**ବର୍ଗାମେଣ୍ଟ :** କିରଣ

**ପରିଚୟ :** ମିଣ୍ଟ (ଜାପାନୀ ପୁଦିନା) ପ୍ରଜାତି ଏକ ୫-୬ ମାସିକ ଅର୍ଥକାରୀ ଫସଲ, ଯାହାର ଉଚ୍ଚତା ୭୦-୧୦୦ ସେ.ମି. । ଗଛରୁ ବାହାରୁଥିବା ତେଲ ପ୍ରସାଧନ ପାଇଁ ବ୍ୟବହାର କରାଯାଏ ।

**ପାଣିପାଗ / ଜଳବାୟୁ :** ମେଁଥାଲ ମିଣ୍ଟ - ଗ୍ରୀଷ୍ମ ଜଳବାୟୁ, ପିପରମିଣ୍ଟ - ଗ୍ରୀଷ୍ମ ମଧ୍ୟମ ଜଳବାୟୁ, ସ୍ପିୟରମିଣ୍ଟ - ଗ୍ରୀଷ୍ମ ମଧ୍ୟମ ଜଳବାୟୁ, ବର୍ଗାମେଣ୍ଟ ମିଣ୍ଟ - ଗ୍ରୀଷ୍ମ ଜଳବାୟୁ ।

**ମାଟି :** ଭଲ ଭାବରେ ଜଳ ନିଷ୍କାସନର ସୁବିଧା ଥିବା, ଉର୍ବର ଏବଂ ସାଧାରଣ ମୃତ୍ତିକା ମିଣ୍ଟ (ପୁଦିନା) ଚାଷ ପାଇଁ ଆବଶ୍ୟକ ।

**ଚାରା ରୋପଣ :** ମେଁଥାଲ ମିଣ୍ଟ ଏବଂ ସ୍ପିୟରମିଣ୍ଟ ମାଟି ତଳେ ଅଦାପରି ଥିବା ସକର (Sucer)ରୁ ଓ ଅନ୍ୟ ପ୍ରଜାତି ଗଛର ଡାଳରୁ ବଂଶ ବିସ୍ତାର କରନ୍ତି । ପ୍ରତ୍ୟକ୍ଷ ଭାବେ ଚାଷ କଲେ (Direct showing), ୪-୫ କୁଇଣ୍ଟାଲ୍ ସକର ଆବଶ୍ୟକ ହୁଏ । ପ୍ରତ୍ୟାରୋପଣ ପାଇଁ ୮୦-୧୦୦ କେ.ଜି./ହେକ୍ଟର ନର୍ସରୀ ପକାଇବା ଆବଶ୍ୟକ । ଜାପାନୀ ପୁଦିନା ରୋପଣ ଓ ପ୍ରତ୍ୟାରୋପଣ ପାଇଁ ୧୫ ଜାନୁୟାରୀରୁ ୧୫ ଫେବୃୟାରୀ ମଧ୍ୟରେ ସମୟ ଉପଯୁକ୍ତ ଅଟେ ।

**ପ୍ରତ୍ୟାରୋପଣ ଓ ମାଟି ପ୍ରସ୍ତୁତି :** ପ୍ରତ୍ୟାରୋପଣ ପୂର୍ବରୁ ଜମିକୁ ୨-୩ ଥର ଭଲ ଭାବରେ ଚାଷ କରିବା ଦରକାର । ସବୁ ପ୍ରଜାତି ୨.୫-୫ ସେ.ମି. ଗଭୀର ଓ ୬୦ × ୪୫ ସେ.ମି. ବ୍ୟବଧାନରେ ଲଗାଇବା ଦରକାର । ମାର୍ଚ୍ଚ ମାସର ମଧ୍ୟମରେ ଲଗାଇଲେ ୩୦-୪୦ ଦିନର ମେଁଥାଲ ମିଣ୍ଟର ଚାରାଗଛ ମାର୍ଚ୍ଚ ମାସରେ ୪୫ × ୧୫ ସେ.ମି. ବ୍ୟବଧାନରେ ଲଗାଯାଇପାରେ ।

**ସାର ବ୍ୟବହାର :** ଏନ୍‌ପିକେ ୧୫୦:୬୦:୪୦ ଦୁଇଥର ଅମଳ କରିବା ପାଇଁ ଏବଂ ଏନ୍‌ପିକେ ୮୦:୪୦:୪୦ କେ.ଜି. ଗୋଟିଏ ଥର ଅମଳ କରିବା ପାଇଁ ବ୍ୟବହାର କରିହେବ । ଏହାର ଏକତୃତୀୟାଂଶ ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପଟାସକୁ ଚାରା ରୋପଣ ସମୟରେ ମାଟିରେ ମିଶାଇବା ଦରକାର ।

**ଜଳସେଚନ :** ୧୦-୧୫ ଦିନ ବ୍ୟବଧାନରେ ଜଳସେଚନର ଆବଶ୍ୟକତା ପଡ଼େ ଏବଂ ଅମଳ କରିବାର ୮ରୁ ୧୦ଦିନ ପୂର୍ବରୁ ସିଂଚନ ବନ୍ଦ କରିଦେବା ଉଚିତ୍ ।

**ଫସଲ ଅମଳ :** ସ୍ପିୟରମିଣ୍ଟରେ ଫୁଲ ଅବସ୍ଥା ଏବଂ ଅନ୍ୟ ପ୍ରଜାତିଗୁଡ଼ିକରେ ଯେତେବେଳେ ଉପର ପତ୍ର ଛୋଟ ଦେଖାଯିବ ଏବଂ ତଳ ପତ୍ରଗୁଡ଼ିକ ହଳଦିଆ ରଙ୍ଗରେ ବଦଳିଯିବ ସେତେବେଳେ ଅମଳ କରିବା ଉଚିତ୍ ।

**ତେଲର ପରିମାଣ :** ମେଁଥାଲ ମିଣ୍ଟ (୨ଥର ଅମଳ) - ୨୦୦ କେଜି/ହେକ୍ଟର, ୧ ଥର ଅମଳ - ୧୦୦ରୁ ୧୨୫ କେଜି/ହେକ୍ଟର, ପିପରମିଣ୍ଟ ୨ଥର ଅମଳ-୮୦ରୁ ୧୦୦ କେଜି/ହେକ୍ଟର, ସ୍ପିୟରମିଣ୍ଟ ୨ଥର ଅମଳ-୧୨୦ରୁ ୧୨୫ କେଜି/ହେକ୍ଟର, ବର୍ଗାମେଣ୍ଟ ମିଣ୍ଟ ୨ଥର ଅମଳ-୧୨୦ରୁ ୧୨୫ କେଜି/ହେକ୍ଟର ।

**ଆୟବ୍ୟୟ :** ମେଁଥାଲ ମିଣ୍ଟ ୨ଥର ଅମଳ ପାଇଁ ୪୦ ହଜାରରୁ ୪୫ ହଜାର ପ୍ରତି ହେକ୍ଟର ବ୍ୟୟ ହୋଇଥାଏ । ଆୟ ଟ.୨,୦୦,୦୦୦/- ପ୍ରତି ହେକ୍ଟର ଏବଂ ଲାଭ ଟ.୧,୫୦,୦୦୦/- ପ୍ରତି ହେକ୍ଟର ।

ପିପରମିଣ୍ଟ ୨ଥର ଅମଳ, ଖର୍ଚ୍ଚ ୪୦ ହଜାର ପ୍ରତି ହେକ୍ଟର, ଆୟ ଟ.୧,୪୦,୦୦୦/- ପ୍ରତି ହେକ୍ଟର ଏବଂ ଲାଭ ଟ. ୧,୦.୦୦୦ ପ୍ରତି ହେକ୍ଟର ।

ସ୍ପିୟରମିଣ୍ଟ ୨ଥର ଅମଳ ପାଇଁ ଖର୍ଚ୍ଚ ୪୦ରୁ ୪୫ ହଜାର ପ୍ରତି ହେକ୍ଟର, ଆୟ ଟ.୧,୪୫,୦୦୦ ପ୍ରତି ହେକ୍ଟର ଏବଂ ଲାଭ ଟ. ୧,୦୦,୦୦୦ ପ୍ରତି ହେକ୍ଟର ।

ବର୍ଗାମେଣ୍ଟ ମିଣ୍ଟ ୨ଥର ଅମଳ ପାଇଁ ଖର୍ଚ୍ଚ ୪୫ ହଜାର ପ୍ରତି ହେକ୍ଟର, ଆୟ ୧.୪୫,୦୦୦ ପ୍ରତି ହେକ୍ଟର ଏବଂ ଲାଭ ଟ. ୧,୦୦,୦୦୦ ପ୍ରତି ହେକ୍ଟର ।

## ସୁଗନ୍ଧରା (ପାଚୋଲି)

**ଉନ୍ନତ ପ୍ରକାର :** ସିମ୍-ସାମର୍ଥ, ସିମ୍-ଶ୍ରେଷ୍ଠ

**ବ୍ୟବହାର :** ସୁଗନ୍ଧିତ ମିଶ୍ରଣର ସ୍ଥିରତା ଆଣିବା ପାଇଁ ବ୍ୟବହାର କରାଯାଏ ।

**ପାଣିପାଗ/ଜଳବାୟୁ :** ଉଷ୍ଣମଣ୍ଡଳ ଏବଂ ଗ୍ରୀଷ୍ମ ମଣ୍ଡଳ ଜଳବାୟୁ ୨୨-୨୮ ଡିଗ୍ରୀ ସେଣ୍ଟିଗ୍ରେଡ୍ ଏବଂ ୭୫ରୁ ୮୦ ଭାଗ ଆର୍ଦ୍ରତା ଏହି ଋଷ ପାଇଁ ଅନୁକୂଳ । ଛାଇ କିମ୍ବା ବଗିଚାରେ ଗଛ ଛାଇ ତଳେ ଋଷ କରିବା ପାଇଁ ମଧ୍ୟ ଉପଯୁକ୍ତ ।

**ମାଟି :** ଜଳ ନିଷ୍କାସନର ସୁବିଧା ଥିବା, ଉର୍ବର, ଆଂଶିକ ମାତ୍ରାର ଅମ୍ଳିୟ ମୃତ୍ତିକା ଋଷ କରିବା ପାଇଁ ଉପଯୁକ୍ତ ।

**ଋରା ପ୍ରସ୍ତୁତି :** ପୁରୁଣା କର୍ତ୍ତନକୁ ୧୦ରୁ ୧୨ ସେ.ମି.ରେ ୪-୬ ପତ୍ରଯୁକ୍ତ ଏବଂ ୩-୪ ଗଣ୍ଠି ଥିଲେ ବହୁତ ଭଲ, ମୌସୁମୀ ଆରମ୍ଭ ସମୟରେ ଋରା କାଟିବା ପାଇଁ ପ୍ରସ୍ତୁତ କରାଯାଏ ।

**ପ୍ରତ୍ୟାରୋପଣ :** ୩୦ରୁ ୩୫ ଦିନ ପୁରୁଣା କର୍ତ୍ତନ ୫୦ × ୫୦ ସେ.ମି. ବ୍ୟବଧାନରେ ଜୁଲାଇରୁ ସେପ୍ଟେମ୍ବର ମାସରେ ଲଗାଇବା ଉଚିତ୍ ।

**ଖତ ଏବଂ ସାର :** ୧୦ରୁ ୧୫ ଟନ୍ ଖତ କିମ୍ବା ଭର୍ମି କମ୍ପୋଷ୍ଟ ଦରକାର ହୁଏ । ଅଥବା ୧୫୦:୫୦:୫୦ କେ.ଜି. ନାଇଟ୍ରୋଜେନ୍ (ଯବକ୍ଷାରଜାନ) ଫସ୍‌ଫରସ୍ ଏବଂ ପଟାସ ପ୍ରତି ହେକ୍ଟର ପିଛା ଦରକାର । ଯବକ୍ଷାରଜାନକୁ ୪ ସମାନ ଭାବରେ ପ୍ରୟୋଗ କରିବା ଦରକାର ।

**ସଞ୍ଚନ (ପାଣି) :** ଲଗାଇବା ପରେ ପ୍ରଥମ ପାଣି ଦେବା ଦରକାର ଏବଂ ପରେ ଦରକାର ଅନୁସାରେ ପାଣିଦେବା ଆବଶ୍ୟକ ।

**ଅମଳ :** ପ୍ରଥମ ଅମଳ ୪ରୁ ୫ ମାସ ରୋପଣ ପରେ, ଯେତେବେଳେ ତଳ ପତ୍ର ହଳଦିଆ ହୋଇଯାଇଥିବ ।

**ଅମଳ ପରିମାଣ :** ସବୁଜ ଉପରଭାଗର ଗଛର ପରିମାଣ ୧୫ରୁ ୨୦ ଟନ୍ / ହେକ୍ଟର ଏବଂ ଶୁଖିଲା ଗଛ ୩ ଟନ୍ / ହେକ୍ଟର, ତୈଳ ୨.୦ରୁ ୨.୫% ଏବଂ ତୈଳ ଉତ୍ପାଦନ ୬୦ରୁ ୭୦ କେ.ଜି. ତେଲ / ହେକ୍ଟର ।

**ଆୟ ଏବଂ ବ୍ୟୟ :** ଚାଷରେ ବ୍ୟୟ ହେକ୍ଟର ପିଛା ୫୦,୦୦୦/-, ପୁରା ଆୟ ହେକ୍ଟର ପିଛା ୧,୫୦,୦୦୦/-, ଲାଭ ପରିମାଣ ବର୍ଷକୁ ହେକ୍ଟର ପିଛା - ୧,୦୦,୦୦୦/- ।

## ଜେରାନିୟମ

**ଉନ୍ନତ ପ୍ରକାର :** ସିମ୍-ପବନ, ବୋରବନ, ସିମାପ ବାୟୋଜି-୧୭୧

**ବ୍ୟବହାର :** ସୁଗନ୍ଧ ଏବଂ ପ୍ରସାଧନ ପାଇଁ ବ୍ୟବହାର କରାଯାଏ ।

**ପାଣିପାଗ/ଜଳବାୟୁ :** ୨୫ରୁ ୩୦ ଡିଗ୍ରୀ ସେଲ୍‌ସିଅସ ଉଷ୍ମ ମଣ୍ଡଳୀୟ ଥଣ୍ଡା ଏବଂ ଶୁଷ୍କ ଜଳବାୟୁ ଏବଂ ୬୦%ରୁ କମ୍ ଆର୍ଦ୍ରତା ଜେରାନିୟମ ପାଇଁ ପ୍ରଯୁଜ୍ୟ ।

**ମୃତ୍ତିକା :** ପଟୁ ମାଟି ପିଏଚ୍ (pH) ୫.୫-୮.୦ ଜୈବ ପଦାର୍ଥଯୁକ୍ତ ଏବଂ ଭଲ ଭାବରେ ପାଣି ନିଷ୍କାସିତ ମାଟି ଜେରାନିୟମ ଚାଷ ପାଇଁ ପ୍ରଯୁଜ୍ୟ ।

**ଚାରା ପ୍ରସ୍ତୁତି :** ୧୨-୧୫ ସେ.ମି. ଲମ୍ବ, ୩-୪ ଗଣ୍ଠିଯୁକ୍ତ ଛୋଟ ଡାଳକୁ ଚାରା ରୂପେ ବ୍ୟବହାର କରାଯାଏ ।

**ରୋପଣ ଓ ଭୂମି ପ୍ରସ୍ତୁତି :** ଜମିକୁ ଭଲ ଭାବରେ ଚାଷ କରିବା ପରେ ଏଥିରେ ୧୦-୧୫ ଟନ୍‌ର ଗୋବର ଖତକୁ ଭଲ ଭାବରେ ମିଶାଇଦେବା ଦରକାର । ଚାରାକୁ ୫୦ × ୫୦ ସେ.ମି. ବ୍ୟବଧାନରେ ନଭେମ୍ବରରୁ ଜାନୁୟାରୀ ମାସ ମଧ୍ୟରେ ଲଗାଇବା ଉଚିତ୍ ।

**ସାର ଓ ଉର୍ବର ପଦାର୍ଥ:** ୬୦ କେ.ଜି. ଫସ୍‌ଫରସ୍, ୪୦ କେ.ଜି. ପୋଟାସିୟମ୍‌କୁ ଶେଷ ଚାଷ ପରେ ହେକ୍ଟର ପିଛା ମିଶାଇବା ଦରକାର । ୩୦ ଦିନ ବ୍ୟବଧାନରେ ୩ ଥର ଯବକ୍ଷାରଜାନକୁ ୫୦ କେଜି ପ୍ରତି ହେକ୍ଟର ପିଛା ଦେବା ଦରକାର । ୧୫୦ କେଜି ପ୍ରତି ହେକ୍ଟର ଯବକ୍ଷାରଜାନ ଦରକାର ପଡ଼େ ।

**ପାଣି :** ଫସଲ ପାଇଁ ୫ ଥର ପାଣି ଦରକାର ହୁଏ ।

**ଅମଳ :** ରୋପଣର ୧୦୦ରୁ ୧୨୦ ଦିନ ପରେ ପ୍ରଥମ ଫସଲ ଅମଳ ପାଇଁ ପ୍ରସ୍ତୁତ ହୁଏ ଏବଂ ଦ୍ୱିତୀୟ ଅମଳ ପ୍ରଥମ ଅମଳର ୬୦ରୁ ୯୦ ଦିନ ପରେ କରାଯାଇ ପାରିବ । କେବଳ ୨୦-୩୦ ସେ.ମି. ଗଛର ଉପର ଭାଗ ଅମଳ କରିବା ଉଚିତ୍ । କାଟିବା ପରେ କପର୍‌ଯୁକ୍ତ କବକ ନାଶକ ବ୍ୟବହାର କରନ୍ତୁ ।

**ଅମଳ ପରିମାଣ :** ୨୫-୩୦ ଟନ୍ ପ୍ରତି ହେକ୍ଟର ।

**ତେଲ** - ୫୦-୫୫ କେଜି/ହେକ୍ଟର

**ଚାଷର ବ୍ୟୟ :** ଖର୍ଚ୍ଚ ୮୦ ହଜାର/ହେକ୍ଟର, ପୂର୍ଣ୍ଣ ଆୟ - ୩ ଲକ୍ଷ ୫୦ ହଜାର / ହେକ୍ଟର, ନଗଦ ଆୟ - ୨ ଲକ୍ଷ ୭୦ ହଜାର / ହେକ୍ଟର ।

## ବେଣା/ ଖସ (ଭେଟିବର)

**ଉନ୍ନତ କିସମ :** କେ.ଏସ୍.-୧, କେ.ଏସ୍.-୨, ଧରଣୀ, କେଶରୀ ଗୁଲାବୀ, ସିମ-ବୃଦ୍ଧି, ସିମେପ ଖସ-୧୫, ସିମେପ-ଖୁସନାଲିକା ।

**ଉପଯୋଗ:** ଚେରରୁ ଉଚ୍ଚକୋଟୀର ସୁଗନ୍ଧିତ ତେଲ ମିଳେ, ଯାହା ପ୍ରସାଦନ ସାମଗ୍ରୀ (କସ୍‌ମେଟିକ୍), ସାବୁନ୍ ଏବଂ ଅତର ଇତ୍ୟାଦିରେ ବ୍ୟବହାର କରାଯାଏ । ତେଣୁ ଏହାକୁ ଚନ୍ଦନ, ଲେବେଣ୍ଡନ୍ ଏବଂ ଗୋଲାପ ତେଲ ସହିତ ମିଶାଇ (ବ୍ଲେଣ୍ଡିଗ) ବ୍ୟବହାର କରାଯାଏ । ଏତଦ୍ ବ୍ୟତୀତ ଏହାକୁ ତମାଖୁ, ପାନ ମସଲା ଏବଂ ଶୀତଳ ପାନୀୟ ପଦାର୍ଥରେ ମଧ୍ୟ ବ୍ୟବହାର କରାଯାଏ ।

**ପାଣିପାଗ/ଜଳବାୟୁ :** ଏହା ମୁଖ୍ୟତଃ ସମଶୀତୋଷ୍ଣ ଜଳବାୟୁରେ ଚାଷ କରାଯାଏ ।

**ଭୂମି/ଜମି :** ବାଲିଆ ଉର୍ବର ମୃତ୍ତିକା, ଭାରି ବାଲିଯୁକ୍ତ ମାଟିରେ ବି ଖସ ଫସଲ ସମ୍ଭବ । ପାଣି ଜମୁଥିବା ଖାଲୁଆ ଜମି ଏବଂ ଅଣଜଳସେଚିତ ଜମି ଯାହାର ଅତିରିକ୍ତ ପିଏଚ୍ (pH) ୯.୫ରୁ ବେଶୀ ଥିବ, ଏପରି ଜମିରେ ଖସ ଫସଲ ଲାଭଦାୟକ ହୋଇଥାଏ ।

**ଚାରା ପ୍ରସ୍ତୁତି :** ଖସ ସାଧାରଣତଃ ସ୍ଲିପ୍ସ ଦ୍ୱାରା ଲଗାଯାଏ । ଚାରା ଲଗାଇବା ପାଇଁ ୩-୮ ମାସ ପୁରୁଣା ଖସ ଗଛରୁ ୨୫-୩୦ ସେ.ମି. ଉପରୁ କାଟି ଦିଆଯାଏ । ଏହାପରେ କ୍ଲମ୍ପକୁ ଖୋଲି ସ୍ଲିପ୍ସକୁ ଅଲଗା କରିଦିଆଯାଏ ।

**ଚାରା ଲଗାଇବା ପାଇଁ ଜମି ପ୍ରସ୍ତୁତି ପ୍ରଣାଳୀ :** ସାଧାରଣତଃ ଚାରାରୋପଣ ବର୍ଷା ଋତୁରେ (ଜୁଲାଇ-ଅଗଷ୍ଟ)ରେ କରାଯାଏ । କିନ୍ତୁ ଖସ ଏକ ବର୍ଷୀୟ ଫସଲ ହେତୁ ସ୍ଲିପ୍ସ ଲଗାଇବାର ଉପଯୁକ୍ତ ସମୟ ଉତ୍ତର ଭାରତରେ ଅକ୍ଟୋବର-ନଭେମ୍ବର ଏବଂ ଜାନୁଆରୀ-ଫେବୃଆରୀରେ ଅନୁକୂଳ ଅଟେ । ଚାରା ରୋପଣ ୪୦×୩୦ ସେ.ମି. ବ୍ୟବଧାନରେ କରାଯାଏ ଏବଂ ବେଳେବେଳେ ଚାରା ରୋପଣ ୬୦×୩୦ ସେ.ମି. ବ୍ୟବଧାନରେ ମଧ୍ୟ କରାଯାଏ ଏବଂ ଏହା ମଧ୍ୟରେ ଅନ୍ୟ ଫସଲ ଗହମ, ଧାନ, ତୁଳସୀ, ମେନ୍‌ଥା ଇତ୍ୟାଦି ବି ଲଗାଯାଇପାରେ ।

**ଖତ ଏବଂ ସାର :** ଖସ ଫସଲରେ ୧୦-୧୫ ଟ୍ରଲି ସଢ଼ା ଗୋବରଖତ ଏବଂ ୮୦-୧୦୦ କି.ଗ୍ରା. ଯବକ୍ଷାରଜାନ, ୫୦-୬୦ କି.ଗ୍ରା. ଫସ୍‌ଫରସ୍, ୪୦-୫୦ କି.ଗ୍ରା. ପୋଟାସ୍ ପ୍ରତି ହେକ୍ଟରରେ ଆବଶ୍ୟକ ହୁଏ । ଯବକ୍ଷାରଜାନର ପରିମାଣ ଚାରି ସମପରିମାଣରେ ଖସ ଲଗାଇବାର ୩୦, ୬୦, ୯୦ ଏବଂ ୧୨୦ ଦିନ ବ୍ୟବଧାନରେ ଦିଆଯିବା ଉଚିତ୍ ।

**ପାଣି :** ଚାରା ଲଗାଇବାର ପରେ ପରେ ତୁରନ୍ତ ପ୍ରଥମ ଥର ପାଣି ଦେବାକୁ ପଡ଼େ ଏବଂ ପରେ ଆବଶ୍ୟକ ଅନୁସାରେ ୭-୮ ଥର ପାଣି ମନାଇବା ଦରକାର ।

**ଫସଲ ଅମଳ :** ଚେରକୁ ୧୧-୧୩ ମାସରେ ଖୋଳି ବାହାର କରାଯାଏ । ଚେରକୁ ସାଧାରଣତଃ ଡିସେମ୍ବର ଏବଂ ଜାନୁଆରୀ ମାସରେ ଖୋଳି ବାହାର କରାଯାଏ ।

**ଅମଳ ପରିମାଣ :** ଚେରର ଉତ୍ପାଦନ ୨୫-୩୦ କ୍ୱିଣ୍ଟାଲ/ହେକ୍ଟର ହୋଇଥାଏ ଏବଂ ଏଥିରୁ ୩୦-୩୫ କେଜି/ହେକ୍ଟର ତେଲ ମିଳିଥାଏ ।

**ଆୟବ୍ୟୟ :** ବ୍ୟୟ ପ୍ରତି ହେକ୍ଟର : ଟ. ୯୦,୦୦୦/-
ଆୟ ପ୍ରତି ହେକ୍ଟର : ଟ ୩,୨୫,୦୦୦/- ରୁ ଟ. ୨,୩୫,୦୦୦/-

# ଏଲୋଭେରା (ଘୃତ କୁମାରୀ)

**ଉନ୍ନତ କିସମ :** ସିମ-ସୀତଳ

**ଉପଯୋଗ:** ଔଷଧୀୟ ଏବଂ ସୁନ୍ଦରତା ପ୍ରସାଧନ ସାମଗ୍ରୀରେ ତାଜା ଜୁସ୍, ଜେଲ୍ ପ୍ରସ୍ତୁତିରେ ବ୍ୟବହାର କରାଯାଏ ।

**ଭୂମି/ଜମି :** ଜଳ ନିଷ୍କାସନର ସୁବିଧା ଥିବା ସବୁ କିସମର ଜମିରେ ଏହି ଫସଲକୁ ଚାଷ କରାଯାଇପାରିବ । ୬.୫-୮.୫ ପିଏଚ୍ (pH) ବାଲା ମାଟି ଏବଂ ବାଲିଆ ଦୋରସା ଜମି ଘୃତକୁମାରୀ ଚାଷ ପାଇଁ ଉପଯୁକ୍ତ ଅଟେ ।

**ପାଣିପାଗ/ଜଳବାୟୁ :** ଉଷ୍ମ ଜଳବାୟୁ ଏହି ଚାଷ ପାଇଁ ଉପଯୁକ୍ତ ।

**ଚାରାପ୍ରସ୍ତୁତି :** ମୁଖ୍ୟ ଗଛର ପାଖରେ ବାହାରୁଥିବା ୪-୫ ପତ୍ରଯୁକ୍ତ ଛୋଟ ଛୋଟ ଚାରା ଯାହାର ଉଚ୍ଚତା ଅନ୍ତତଃ ୨୫ ସେ.ମି. ପର୍ଯ୍ୟନ୍ତ ହୋଇଥିବ, ସେହି ଚାରା ପ୍ରତିରୋପଣର ଉପଯୁକ୍ତ ।

**ଚାରା ଲଗାଇବା ପାଇଁ ଜମି ପ୍ରସ୍ତୁତି ପ୍ରଣାଳୀ :** ୫୦-୬୦ ଦିନ ପୁରୁଣା ଚାରା ଯାହାର ୫-୭ ପତ୍ର ଆସିଯାଇଥିବ, ତାହା ଲଗାଇବା ପାଇଁ ଉପଯୁକ୍ତ ଅଟେ । ଏହାକୁ ୫୦ ସେ.ମି. ଧାଡ଼ିରୁ ଧାଡ଼ି ଏବଂ ୩୦ ସେ.ମି. ଚାରାରୁ ଚାରା ଦୂରତାରେ ଲଗାଇବା ଉଚିତ୍ । ଏହି ଅନୁସାରେ ୬୬,୦୦୦ ଚାରା ଏକ ହେକ୍ଟର କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ଲଗାଯାଇପାରିବ ।

**ଖତ ଏବଂ ସାର (୩ଥର କାଟିବା ଅନୁସାରେ) :** ଏହି ଚାଷ ପାଇଁ ୧୦-୧୫ ଟନ୍ ସଢ଼ିଯାଇଥିବା ଗୋବର ଖତ କିମ୍ବା ୫ରୁ ୭ଟନ୍ ଭର୍ମି କମ୍ପୋଷ୍ଟ ଦରକାର ପଡ଼େ । ୫୦:୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ପୋଟାସ୍ ଲଗାଇବା ପୂର୍ବରୁ ମାଟିରେ ମିଶାଇବା ଉଚିତ୍ । ଏଥି ସହିତ ୧୫୦ କି.ଗ୍ରା. ଯବକ୍ଷାରଜାନକୁ ସମାନ ପରିମାଣରେ ୪ ଥର ପ୍ରୟୋଗ କରାଯାଏ ।

**ପାଣି :** ଚାରା ଲଗାଇବାର ପରେ ପରେ ଜଳସେଚନ କରିବା ଦରକାର ଏବଂ ଏହାପରେ ଆବଶ୍ୟକ ଅନୁସାରେ ଜଳସେଚନ କରିବା ଉଚିତ୍, ଅନ୍ତତଃ ୫-୭ ଥର ଜଳସେଚନର ଆବଶ୍ୟକତା ହୁଏ ।
**ଫସଲ ଅମଳ :** ପ୍ରଥମ କାଟିବା, ଲଗାଇବାର ୧୦୦ ଦିନ ପରେ ଗଛର ୨-୩ ପୁରୁଣା ପତ୍ର କଟାଯାଏ ଏବଂ ପରେ ପ୍ରତି ୪୫-୬୦ ଦିନ ବ୍ୟବଧାନରେ ପ୍ରାୟ ୨-୩ ଥର କାଟିବାକୁ ପଡ଼େ ।
**ଶୁଖାଇବା :** ପତ୍ରକୁ ଅଧା ଛାଇରେ ୧୦ ପ୍ରତିଶତ ଆର୍ଦ୍ରତା ପର୍ଯ୍ୟନ୍ତ ଶୁଖାଇବାକୁ ପଡ଼େ ।
**ଅମଳ ପରିମାଣ :** ୩ଥର କାଟିବା ପରେ ୫୦-୬୦ ଟନ୍/ହେକ୍ଟର ପତ୍ର ମିଳେ ଏବଂ ଏଥିରୁ ୩୫-୪୦% ପର୍ଯ୍ୟନ୍ତ ବାର୍ବିଲୋଇନ୍ (Barbeloine) ମୁକ୍ତ ଜୁସ୍ ମିଳିଥାଏ, ୨ଥର କାଟିବା ପରେ ୪୦ ଟନ୍/ହେକ୍ଟର ଏବଂ ୧ ଥର କାଟିବା ପରେ ୨୫ ଟନ୍/ହେକ୍ଟର ଶୁଖାପତ୍ର ମିଳେ ।
**ଆୟବ୍ୟୟ - ଚାଷରେ ପୁରା ବ୍ୟୟ ପ୍ରତି ହେକ୍ଟର :** ଟ. ୧,୩୦,୦୦୦/-,
**ଆୟ ପ୍ରତି ହେକ୍ଟର :** ଟ ୨,୫୦,୦୦୦/-
**ଲାଭ ପରିମାଣ ପ୍ରତି ହେକ୍ଟର :** ଟ. ୧,୨୦,୦୦୦/-

# କାଳମେଘ (ଭୂଇଁଲିମ୍ବ)

**ଉନ୍ନତ କିସମ :** ସିମ-ମେଘା
**ବ୍ୟବହାର :** ସମ୍ପୂର୍ଣ୍ଣ ଶାକ ଯକୃତ ରୋଗକୁ ଠିକ୍ କରିଥାଏ । ତିବ୍ରଜ୍ୱର, ମଧୁମେହ ଇତ୍ୟାଦି ରୋଗର ପ୍ରତିକାରକ । ଏହା ଜୀବାଣୁରୋଧି, ରକ୍ତଶୋଧକ, ପିତ୍ତ ନିରୋଧକ, କଫ ନିରୋଧକ ଏବଂ ଜ୍ୱଳନରୁ ମୁକ୍ତ ପ୍ରଦାନ କରିଥାଏ ।
**ପ୍ରମୁଖ ରସାୟନ :** ଏଣ୍ଡ୍ରୋଗ୍ରାଫୋଲାଇଡ ଏବଂ ନିୟୋ ଏଣ୍ଡ୍ରୋଗ୍ରାଫୋଲାଇଡ୍ ।
**ଜଳବାୟୁ :** ଏହି ଫସଲକୁ ଆର୍ଦ୍ର ଏବଂ ଗରମ ଜଳବାୟୁର ଆବଶ୍ୟକ । ଏହା ଶୀତୋଷ୍ମ ଏବଂ ସମଶୀତୋଷ୍ମ ଜଳବାୟୁ ଏବଂ ସଠିକ୍ ବର୍ଷା ହେଉଥିବା ସ୍ଥାନରେ ଉତ୍ତମ ଭାବେ ବଢ଼ିଥାଏ ।
**ଭୂମି/ଜମି :** ମଧ୍ୟମ ଉର୍ବରତା ଜମି, ଜଳ ନିଷ୍କାସନର ସୁବିଧା ଥିବା ଦୋରସା ବାଲିଯୁକ୍ତ ମାଟି ଏହି ଚାଷ ପାଇଁ ଉପଯୁକ୍ତ । ଏହାକୁ ଛାଇଯୁକ୍ତ ଅନୁର୍ବର ଜମିରେ ଲଗାଯାଇପାରିବ ।
**ଚାରା :** ମଞ୍ଜିଦ୍ୱାରା (ନର୍ସରୀରେ ଲଗାଇ) ମେ' ମାସରେ ପ୍ରତି ହେକ୍ଟର ପିଛା ୪୫୦ ଗ୍ରାମ୍ ମଞ୍ଜିକୁ ୧୦ × ୨ ମିଟର ହିସାବରେ ସାମାନ୍ୟ ଉପରୁଆ ଜମିରେ ନର୍ସରୀରେ ଚାରା ପ୍ରସ୍ତୁତ କରାଯାଏ । ଏହି ସମୟରେ ଜମିକୁ ଆବଶ୍ୟକ ମୁତାବକ ବତର ରଖିବାକୁ ପଡ଼େ ।
**ଚାରା ଲଗାଇବା ପାଇଁ ଜମି ପ୍ରସ୍ତୁତ ପ୍ରଣାଳୀ :** ଥରେ କିମ୍ବା ଦୁଇଥର ହଳ କରିବା ପରେ ଜମିକୁ ସମତଳ କରିବାକୁ ପଡ଼େ ଏବଂ ଜଳ ନିଷ୍କାସନ ପାଇଁ ଉଚିତ୍ ଆକାରରେ କିଆରି ବନାଇବା ଉଚିତ୍ । ୧୫ ଜୁନ୍‌ରୁ ୨୦ ଜୁଲାଇ ମଧ୍ୟରେ ୩୦-୪୦ ଦିନର ଚାରାକୁ ଦୋପହର ପରେ ଲଗାଇବାକୁ ପଡ଼େ । ଧାଡ଼ିରୁ ଧାଡ଼ି ଦୂରତା ୪୦ ସେ.ମି. ଏବଂ ଗଛକରୁ ଗଛ ଦୂରତା ୨୦ ସେ.ମି. ରଖିବା ଉଚିତ୍ ।

**ଖତ ଏବଂ ସାର :** ୧୦-୧୫ ଟନ୍ ସଢ଼ା ଗୋବର ଖତ କିମ୍ବା ୫ ଟନ୍ ଭର୍ମି କମ୍ପୋଷ୍ଟ ପ୍ରତି ହେକ୍ଟରରେ ଦରକାର ପଡ଼େ । ୮୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପୋଟାସର ବ୍ୟବହାର କରାଯାଏ । ଯବକ୍ଷାରଜାନର ପରିମାଣକୁ ତିନିଭାଗ କରି ୨୦-୨୫ ଦିନ ବ୍ୟବଧାନରେ ଦେବାକୁ ପଡ଼େ । ଫସ୍‌ଫରସ୍ ଏବଂ ପୋଟାସକୁ ଶେଷ ଚାଷ ସମୟରେ ମାଟିରେ ମିଶାଇଦେବା ଉଚିତ୍ ।

**କୋଡ଼ାଖୋସା :** ଥରେ କିମ୍ବା ଦୁଇଥର କୋଡ଼ାଖୋସା ଦରକାରପଡ଼େ ।

**ପାଣି :** ଚାରା ରୋପଣର ପରେ ପରେ ବର୍ଷା ହେଉନଥିଲେ ପାଣି ମଡ଼ାଇବାର ଆବଶ୍ୟକତା ପଡ଼େ । ଯଦି ବର୍ଷା ସଠିକ୍ ସମୟ ବ୍ୟବଧାନରେ ହୁଏ ତେବେ ଫସଲକୁ ପାଣି ପର୍ଯ୍ୟାପ୍ତ ହୁଏ । ଯଦି ମୌସୁମି ଡେରି ହୁଏ ତେବେ ୨-୩ ଥର ପାଣି ମଡ଼ାଇବା ଆବଶ୍ୟକ ପଡ଼େ ।

**ଫସଲ ଅମଳ :** ଚାରା ଲଗାଇବାର ଅନ୍ତତଃ ୧୦୦ ଦିନ ପରେ ଫସଲକୁ କାଟିବା ଦରକାର । କୃଷି ପଦ୍ଧତିକୁ ଠିକ୍ ଭାବରେ ପାଳନ କରି ଦ୍ୱିତୀୟ ଫସଲ କାଟିବା ବି ସମ୍ଭବ ।

**ଫସଲ ରଖିବାର ଉପାୟ :** ଫସଲ କାଟିବା ପରେ ଗଛକୁ ଖୋଲା ସ୍ଥାନରେ ଶୁଖାଇବାକୁ ପଡ଼େ । ଗଛକୁ ଗଦାକରି ରଖିବା ଅନୁଚିତ୍ । ଶୁଖିଥିବା ଗଛକୁ ଶୁଷ୍କ ଏବଂ ଆର୍ଦ୍ରତା ନଥିବା ସ୍ଥାନରେ ସାଇତି ରଖିବା ଉଚିତ୍ ।

**ଅମଳ ପରିମାଣ :** ଏକଥର କାଟିବାର ଅନ୍ତତଃ ୪ଟନ୍ ଶାକ ପ୍ରାପ୍ତ ହୁଏ । ଇଣ୍ଟର କ୍ରପିଙ୍ଗ (Inter Cropping) ବା ସହଚାଷ ଅବସ୍ଥାରେ ଅନ୍ତତଃ ୨.୫ରୁ ୩ ଟନ୍/ହେକ୍ଟର ପ୍ରତି ଉତ୍ପାଦନ କରି ହୁଏ ।

**ଆୟବ୍ୟୟ :** ବ୍ୟୟ ପ୍ରତି ହେକ୍ଟର : ଟ. ୨୫,୦୦୦/-

ଆୟ ପ୍ରତି ହେକ୍ଟର : ଟ. ୯୦,୦୦୦/-

ଲାଭ ପରିମାଣ ପ୍ରତି ହେକ୍ଟର : ଟ. ୬୫,୦୦୦/-

## ସର୍ପଗନ୍ଧା

**ଉନ୍ନତ କିସମ :** ସିମ-ଶିଲ

**ଫସଲର ପରିଚୟ :** ଏହା ଏକ ବହୁବର୍ଷୀୟ ଗଛ, ଯାହାର ଶାଖା ସିଧା, ପ୍ରସାରିତ, ନରମ ଏବଂ ସବୁଜ ରଙ୍ଗର । ଗଛର ଉଚ୍ଚତା ୫୦-୯୦ ସେ.ମି. ପର୍ଯ୍ୟନ୍ତ ହୋଇପାରେ ।

**ଜଳବାୟୁ :** ମୁଖ୍ୟତଃ ଗରମ ଏବଂ ଆଦ୍ରତା ଯୁକ୍ତ ଜଳବାୟୁ ଉତ୍ତମ ଅଟେ ।

**ଭୂମି/ଜମି :** ଦୋରସା ବାଲିଆ ଏବଂ ବାଲିଯୁକ୍ତ ମାଟି ଏ ଚାଷ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବସାୟିକ କ୍ଷତି ପାଇଁ ମାଟିର ପି.ଏଚ୍. (pH) ୫.୫ରୁ ୭.୫ ମଧ୍ୟରେ ହେବା ଉଚିତ୍ ଏବଂ ଏଥିରେ ଜିବାଂଶ ପଦାର୍ଥ (ଖାଦ) ଉଚିତ୍ ପରିମାଣରେ ରହିବା ଦରକାର ।

**ଘାରା :** ଏହାର ଘରା ମଞ୍ଜି, ଶାଖା ଏବଂ ଚେରର କଟିଂଗର ପ୍ରସ୍ତୁତ କରିହୁଏ । ମଞ୍ଜି ଦ୍ୱାରା ଘରା ପ୍ରସ୍ତୁତ ଲାଭ ଜନକ ହୋଇଥାଏ । କାରଣ ମଞ୍ଜିର ଅଙ୍କୁରଣ ମାତ୍ରା ୧୦-୨୫ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ । ଏକ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ ଜମିପାଇଁ ୫ କି.ଗ୍ରା. ମଞ୍ଜିର ଆବଶ୍ୟକତା ପଡ଼ିଥାଏ । ୬୦ ଦିନ ପରେ ଘରାକୁ ରୋପଣ କରାଯାଇଥାଏ । ବୁଣିବା ପୂର୍ବରୁ ମଞ୍ଜିକୁ ୧ ଘ[। ପର୍ଯ୍ୟନ୍ତ ଲୁଣ ପାଣିରେ ଭିଜାଇବାକୁ ପଡ଼େ । ଏକ ହେକ୍ଟର ପାଇଁ ୫୦୦ ବର୍ଗ ମି. ନର୍ସରୀ ପର୍ଯ୍ୟାପ୍ତ ହୋଇଥାଏ । ଚେରର କଟିଂଗ ଲଗାଇବା ବେଶୀ ଉପଯୁକ୍ତ । ମାର୍ଚ୍ଚରୁ ୧୫ ସେପ୍ଟେମ୍ବର ମଧ୍ୟରେ ଚେରର ୫ ସେ.ମି. ଖଣ୍ଡକୁ ୫-୧୦ ସେ.ମି. ଗହିରାରେ ଲଗାଇ ଗାଡ଼ ବନ୍ଦ କରିବାକୁ ପଡ଼େ । ପ୍ରତି ହେକ୍ଟର ପାଇଁ ୮୦-୧୦୦ କି.ଗ୍ରା. ତାଜା ଚେରର ଆବଶ୍ୟକ ପଡ଼ିଥାଏ ।

**ଘରାରୋପଣ :** ଯଦି ଛାଇ ଯୁକ୍ତ ଜମି ତେବେ ମାର୍ଚ୍ଚ-ଅପ୍ରେଲରେ ଏବଂ ଖୋଲା ଜମିରେ ଜୁଲାଇ-ସେପ୍ଟେମ୍ବରରେ ଘରା ରୋପଣ କରିବା ଉଚିତ୍ । ରୋପଣ ସମୟରେ ଘରାର ଉଚ୍ଚତା ୧୦-୧୫ ସେ.ମି. ଏବଂ ୬୦-୭୦ ଦିନର ହେବା ଦରକାର । ଗଛରୁ ଗଛ ୩୦ ସେ.ମି. ଏବଂ ଧାଡ଼ିରୁ ଧାଡ଼ି ୬୦ ସେ.ମି. ଦୂରତା ରହିବା ଉଚିତ୍ ।

**ଜମି ପ୍ରସ୍ତୁତି ଏବଂ ଘରା ରୋପଣ :** ଦୁଇଥର ଗହିରା ହଳ କରିବାପରେ, ଜମିକୁ ସମତଳ କରି ପାଣି ନିଷ୍କାସିତର ବ୍ୟବସ୍ଥା ଏବଂ ଉଚିତ୍ ଆକାରରେ କିଆରି ସହିତ ଜମିର ଅନୁରୂପ ଢାଲୁ ବନାଇବାକୁ ପଡ଼େ ।

**ଖତ ଏବଂ ସାର :** ଅନ୍ତତଃ ୨୦-୨୫ ଟନ୍ ଗୋବର ଖତ କିମ୍ବା ୭ ଟନ୍ ଭର୍ମି କମ୍ପୋଷ୍ଟ ବୁଣିବାର ୩୦-୩୫ ଦିନ ପୂର୍ବରୁ ମାଟିରେ ଭଲ ଭାବରେ ମିଶାଇବାକୁ ପଡ଼େ । ଫସ୍‌ଫରସ୍ ଏବଂ ପୋଟାସକୁ ୬୦ ଏବଂ ୫୦ କି.ଗ୍ରା. ଏକ ଥରରେ ତଥା ଯବକ୍ଷାରଜାନ ୮୦ କି.ଗ୍ରା. (୫ ଥର ସମାନ ପରିମାଣରେ) ପତ୍ର ବାହାରିବାର ୧୫ ଦିନ ପରେ ଏବଂ ଅଗଷ୍ଟ, ସେପ୍ଟେମ୍ବର, ମାର୍ଚ୍ଚ ଓ ଜୁନ୍ ମାସରେ ସମାନ ପରିମାଣରେ ଫସଲରେ ଦେବାକୁ ପଡ଼େ ।

**ପାଣି :** ଲଗାଇବାର ପରେ ପରେ ଏବଂ ଗରମ ତଥା ଶୁଷ୍କ ମାସରେ ୨୦-୨୫ ଦିନ ବ୍ୟବଧାନରେ ଜଳସେଚନର ଆବଶ୍ୟକତା ପଡ଼େ । ସମତଳ ଜମିରେ ପ୍ରତ୍ୟେକ ବର୍ଷ ୫-୬ ଥର ଜଳସେଚନର ଆବଶ୍ୟକତା ପଡ଼େ ।

**ଚେର ଉପାଡ଼ିବା :** ଚେରକୁ ମାଟିରୁ ବାହାର କରିବା ପାଇଁ ଶୁଷ୍କ ଜଳବାୟୁ ଏବଂ ସାମାନ୍ୟ ଆଦ୍ରତା ଅବସ୍ଥାରେ, ଯେପରିକି ଡିସେମ୍ବର ଏବଂ ଜାନୁଆରୀ ମାସ ଅତ୍ୟନ୍ତ ଅନୁକୂଳ ଅଟେ ।

**ଫସଲ ଅମଳ :** ସର୍ପଗନ୍ଧାର ଚେର ୧୮ ମାସରୁ ୨ ବର୍ଷରେ ପ୍ରସ୍ତୁତ ହୋଇଥାଏ । ଅନ୍ତତଃ ୨୫-୩୦ କ୍ୱି[।ଲ୍/ପ୍ରତି ହେକ୍ଟର ରୁ ସୁଖା ଚେର ମିଳେ ।

**ରଖିବା ଉପାୟ :** ଚେରକୁ ଖରାରେ ଶୁଖାଇବା ଅନୁଚିତ୍ ଏବଂ ରଖାଯାଉଥିବା ସ୍ଥାନ ଶୁଷ୍କ ଏବଂ ଛାୟାଯୁକ୍ତ ହେବା ଉଚିତ୍ ।

**ଆୟବ୍ୟୟ :** ପୁରା ବ୍ୟୟ (ପ୍ରଥମ ଏବଂ ଦ୍ୱିତୀୟ ବର୍ଷ) ବ୍ୟୟ ପ୍ରତି ହେକ୍ଟର : ଟ. ୮୦,୦୦୦/- ଏବଂ ଚେରର ପରିମାଣ ୧,୮୦୦ କି.ଗ୍ରା. । ପୁରା ଆୟ ଟ. ୨,୭୦,୦୦୦/- ଏବଂ ଲାଭର ପରିମାଣ ଟ. ୧,୯୦,୦୦୦/-

# ସତାବର

**ଉନ୍ନତ କିସମ :** ସିମ-ଶକ୍ତି

**ଉପଯୋଗ:** ବଳ ପ୍ରଦାନରେ ସହାୟକ, ଦୁଗ୍ଧ ବଢ଼ାଇବାରେ ସହାୟକ, ମୁତ୍ର ବୃଦ୍ଧି, ଜ୍ୱରକୁ ନିୟନ୍ତ୍ରଣ କରେ, ଶରୀରକୁ ପୁଷ୍ଟକର କରେ ଏବଂ ସ୍ନାୟୁରୋଗରୁ ମୁକ୍ତ କରେ ।

**ଫସଲର ପରିଚୟ :** ବହୁବର୍ଷୀୟ, ଶକ୍ତ, ସମୁଦ୍ର ପତନରୁ ୭୦୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ମିଳିପାରେ ।

**ଜଳବାୟୁ :** ଗରମ ଏବଂ ଉପୋଷ୍ଣ ଜଳବାୟୁ ତଥା ୫୦ ସେ.ମି.-୧୦୦ ସେ.ମି. ବାର୍ଷିକ ବର୍ଷା ଏବଂ ୧୦-୪୦ ଡିଗ୍ରୀ ତାପମାତ୍ରାରେ ଋଷ କରାଯାଇ ପାରିବ । ଏହି ଫସଲ ପାଇଁ ଜଳ ନିଷ୍କାସିତ ହୋଇପାରୁଥିବା ଦୋରସା ବାଲିଆ ଏବଂ ହାଲକା ମାଟି ଉପଯୁକ୍ତ ଅଟେ ।

**ଜମିପ୍ରସ୍ତୁତି ଏବଂ ମଞ୍ଜିର ପରିମାଣ :** ମଞ୍ଜି ଦ୍ୱାର, ମଞ୍ଜିର ମାତ୍ରା ୨.୫ରୁ ୩ କି.ଗ୍ରା. ପ୍ରତି ହେକ୍ଟର ପାଇଁ ଦରକାର ।

**ଋରା ଲଗାଇବା ସମୟ :** ମେ' ମାସରେ ମଞ୍ଜିକୁ ନର୍ସରୀରେ ସନ୍ଧ୍ୟା ସମୟରେ ବୁଣିବାକୁ ପଡ଼େ । ପ୍ରାୟ ୮୦ ଦିନ ପରେ ଜୁଲାଇ-ଅଗଷ୍ଟ ମାସରେ ଋରା ଲଗାଯାଏ ।

**ଋରା ଲଗାଇବା ପାଇଁ ଜମି ପ୍ରସ୍ତୁତ ପ୍ରଣାଳୀ :** ବର୍ଷା ଋତୁରେ ୬୦ × ୬୦ ସେ.ମି. ଦୂରତାରେ ଲଗାଯାଏ । ନର୍ସରୀକୁ ବଡ଼ ଗଛର ଛାୟା ତଳେ ବନାଇବା ଉଚିତ୍ ।

**ଖତ ଏବଂ ସାର :** ଶେଷ ଋଷ ସମୟରେ ୨୦-୨୫ ଟନ୍ ସଢ଼ା ଗୋବର ଖତ ମାଟିରେ ମିଶାଇବାକୁ ପଡ଼େ । ଏହାକୁ ଛାଡ଼ି ପ୍ରତି ବର୍ଷ ୧୫୦:୮୦:୬୦ କି.ଗ୍ରା. ଯବକ୍ଷାରଯାନ, ଫସ୍‌ଫରସ୍ ଏବଂ ପୋଟାସ ପ୍ରୟୋଗ କରାଯାଏ ।

**ଜଳ :** ଶୀତ ଋତୁରେ ଏକ ମାସ ବ୍ୟବଧାନ ପରେ ଏବଂ ଗ୍ରୀଷ୍ମ ଋତୁରେ ୨୦-୨୫ ଦିନ ବ୍ୟବଧାନରେ ଆବଶ୍ୟକତା ଅନୁସାରେ ଜଳସେଚନ କରିବାକୁ ପଡ଼େ ।

**ଚେର ଉପାଡ଼ିବା ଏବଂ ରଖିବାର ଉପାୟ :** ଲଗାଇବାର ୧୮-୩୦ ମାସ ପରେ ଏବଂ ଶୀତ ଦିନେ ଚେରକୁ ଖୋଳାଯାଏ । ଖୋଳିସାରିବା ପରେ ଚେରକୁ ଫୁଟୁଥିବା ପାଣିରେ ୫୦-୫୫ ମିନିଟ୍ ପର୍ଯ୍ୟନ୍ତ ରଖିବାକୁ ପଡ଼େ । ପରେ ପରେ ୪ ରୁ ୬ଦିନ ପର୍ଯ୍ୟନ୍ତ ଶୁଖାଇ, ଶୁଷ୍କ ଏବଂ ପବନ ଆସୁଥିବା ସ୍ଥାନରେ ସାଇତି ରଖାଯାଏ ।

**ଅମଳ ପରିମାଣ :** ଏକ ହେକ୍ଟର କ୍ଷେତ୍ରଫଳ ଜମିରୁ ଅନ୍ତତଃ ୬ଟନ୍ ସୁଖା ଚେର ମିଳେ ।

**ଆୟବ୍ୟୟ :** ବ୍ୟୟ ୨.୫ ଲକ୍ଷ ଟଙ୍କା ଏବଂ ଲାଭର ପରିମାଣ ୩.୫ ଲକ୍ଷ ଦୁଇ ବର୍ଷରେ ମିଳିପାରେ ।

# ସୁଗନ୍ଧିତ ଫସଲରୁ ପାତନ ପଦ୍ଧତିରେ ତୈଳ ଉତ୍ପାଦନ

**(Distillation of Aromatic Crops for Extraction of Essential Oils)**

ଆଜିର ଉତ୍ପାଦନ କରାଯାଉଥିବା ସୁଗନ୍ଧିତ ତୈଳ ପାଇଁ ମୁଖ୍ୟତଃ ପାଦନ ପ୍ରଣାଳୀର ବ୍ୟବହାର କରାଯାଉଛି । ପାତନ ପ୍ରଣାଳୀ ଦ୍ୱାରା ଗଛର ସାମଗ୍ରୀକୁ ଗରମ ପାଣି କିମ୍ବା ବାଷ୍ପ ସହ ସମ୍ପର୍କ କରାଯାଇଥାଏ, ଯିଏ ଆବଶ୍ୟକ ତୈଳକୁ ନିଜ ସହ ବାଷ୍ପିଭୂତ କରାଏ । ତୈଳ ଓ ଜଳୀୟ ବାଷ୍ପକୁ ମିଶାଇ ଏକ ଶୀତଳ ଯନ୍ତ୍ର ମାଧମରେ ଥଣ୍ଡା କରାଯାଏ ଏବଂ ଅନ୍ୟ । ଏକ ପାତ୍ରରେ ଅଲଗା କରାଯାଏ, ଯେଉଁଥିରେ ତୈଳ ସ ପାଣି ଅଲଗା ହୋଇଯାଏ । ବିଶେଷତଃ ଏହି ପାତନ ପ୍ରଣାଳୀ ସୁଗନ୍ଧିତ ଗଛର ସାମଗ୍ରୀରୁ ଆବଶ୍ୟକ ତେଲର ନିଷ୍କାସନ ପାଇଁ ବ୍ୟବହାର କରାଯାଇଥାଏ ।

# ପାଣି ଏବଂ ବାଷ୍ପଦ୍ୱାରା ପରିଚାଳିତ ପାତନ ପଦ୍ଧତି

**(Hydra/Steam Distillation Process)**

ପାତନର ଏହି ପ୍ରଣାଳୀ ବିଧିରେ ଗଛର ସାମଗ୍ରୀକୁ ଏକ ଜାଲି ଉପରେ ରଖାଯାଏ, ଯେଉଁଥିରେ ପାଣି ଗରମ କରାଯାଏ । ଗରମ ପାଇବା ଦ୍ୱାରା ବାଷ୍ପକୁ ଗଛର ସାମଗ୍ରୀକୁ ପ୍ରେରିତ କରାଯାଏ, ଯିଏ ତେଲକୁ ବାଷ୍ପିକୃତ କରାଏ । କ୍ଷେତର ପାତନ ପରିକଳ୍ପନା ଏହି ସିଦ୍ଧାନ୍ତ ଅନୁଯାୟୀ ଭଲ ଏବଂ ଏହାକୁ ସଳଖମୁକ୍ତ ପାତନ ମଧ କୁହାଯାଏ । ଏହି ୟୁନିଟ୍‌କୁ ତିଆରି କରିବା ଏବଂ କୃଷକଙ୍କ କ୍ଷେତରେ ସ୍ଥାପନ କରିବା ବହୁତ ସରଳ । କ୍ଷେତର ପାଦନ ଏକକରେ ଏକ ଜାଲି ସହ ପାତନ ଟ୍ୟାଙ୍କ ଥାଏ, ଯେଉଁଥିରେ ପାଣି ଗରମ କରାଯାଏ । ଇନ୍ଧନ କାଠ/ଇନ୍ଧନର ଉଚା ଦାମ୍‌କୁ ନଜରରେ ରଖି ସିମାପ ଏକ ଆର୍ଥିକ ସୁଧାର କ୍ଷେତ ପାତନ ଏକକ ତିଆରି କରିଛନ୍ତି । ଯେଉଁଥିରେ ପାତନର ସମୟ ୩-୪ ଘ୍ଟା କମ୍ ହେବା ସହ ୨୦-୩୦% ଇନ୍ଧନ ମଧ କମ୍ ଦରକାର ହୁଏ । ତା ସହ ଅଧିକ ଲାଭ ଏବଂ ଉତ୍କର୍ଷ ସୁଗନ୍ଧିତ ତୈଳ ସହଜରେ ବାହାର କରାଯାଇପାରୁଛି । ସୁଗନ୍ଧିତ ତେଲର ଗୁଣବ©ାକୁ ସୁରକ୍ଷିତ ରଖିବା ପାଇଁ ନିମ୍ନ ଦାବଯୁକ୍ତ ବାଷ୍ପୀୟ ଯନ୍ତ୍ର (Low Pressure Boiler)କୁ ମୁଖ୍ୟ ଟାଙ୍କି ସହିତ ଅଲଗା ଲଗାଯାଇପାରେ । ଏହି ପଦ୍ଧତି ଦ୍ୱାରା ତେଲରେ କେବେକେବେ ଆସୁଥିବା ପୋଡ଼ା (Burning) ବାସ୍ନାକୁ ଦୂରିଭୂତ କରିହେବ । ଛୋଟ ଛୋଟ ଋଷୀମାନଙ୍କର ଆବଶ୍ୟକତାକୁ ପୁରଣ କରିବା ପାଇଁ, ସିମେପ ଦ୍ୱାରା ଭ୍ରାମ୍ୟମାଣ ପାତନ ପ୍ରଣାଳୀ (Mobile Distillation Unit) ନୂତନ ରୂପ (Design)ର ସଫଳ ପ୍ରୟୋଗ କରାଯାଇପାରୁଛି ।

***